بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5 | ସଂଖ୍ୟା 49

ବାର୍ଷିକ ଦେୟ: ୫୦୦/-

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

03 ଡ଼ିସେମ୍ବର 2020 | 03 ଫତାହ୍ 1399 ହି.ଶ | 17 ରବିଉଲ୍ ସାନି 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ یَّعۡمَلۡ مِنَ الصّٰلِحٰتِ مِنۡ ذَکَرٍ اَوۡ اُنۡثٰی وَہُوَ مُؤۡمِنٌ فَاُولٰٓئِکَ یَدۡخُلُوۡنَ الۡجَنَّۃَ وَلَا یُظۡلَمُوۡنَ نَقِیۡرًا (النساء:125)

ଅନୁବାଦ- ପୁରୁଷ ହେଉ ବା ନାରୀ, ଯେଉଁ ଲୋକମାନେ ବିଶ୍ୱାସକାରୀ ଥାଇ ପୂଣ୍ୟ କାର୍ଯ୍ୟ କରିବେ, ତେବେ ସେମାନେ ବୈକୁଣ୍ଠରେ ପ୍ରବେଶ କରିବେ ଏବଂ ସେମାନଙ୍କ ପ୍ରତି ଖଜୁରି ମଞ୍ଜିର ରନ୍ଧ୍ର ସଦୃଶ (ସାମାନ୍ୟ) ଅତ୍ୟାଚାର କରାଯିବ ନାହିଁ ।

*(ନିସା: ୧୨୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଆଧ୍ୟାତ୍ମିକ ପବିତ୍ରତାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ବାହ୍ୟ ସ୍ୱଚ୍ଛତା ଏବଂ ଶାରିରୀକ ପରିଚ୍ଛନ୍ନତା ମଧ୍ୟ ଜରୁରୀ କାରଣ ଗୋଟିଏ ଶକ୍ତି ଅନ୍ୟଟିକୁ ପ୍ରଭାବିତ କରିଥାଏ ଓ ଗୋଟିଏ ଚରିତ୍ର ଅନ୍ୟକୁ ପ୍ରଭାବିତ କରିଥାଏ ।**

**ତେଣୁ ଅତ୍ୟନ୍ତ ପକ୍ଷେ ସପ୍ତାହରେ ଥରେ ଶୁକ୍ରବାର ଦିନ ସ୍ନାନ କରନ୍ତୁ । ପ୍ରତ୍ୟେକ ନମାଜ ପାଠ ପୂର୍ବରୁ ଓ୍ୱଜୁ କରନ୍ତୁ । ନମାଜ ପଢ଼ିବାକୁ ଗଲାବେଳେ ସୁଗନ୍ଧ ବ୍ୟବହାର କରନ୍ତୁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ପ୍ଲେଗ୍ ମହାମାରୀ ହେଉଛି ଏକ ଦଣ୍ଡ

ଅଲ୍ଲାଃ ତାଲା ତାହାର ନାମ "ରୁଜ୍‌ଜ" ରଖିଛନ୍ତି । ରୁଜ୍‌ଜ ଦଣ୍ଡକୁ ମଧ୍ୟ କୁହାଯାଏ । ଅଭିଧାନରେ ଲେଖାଯାଇଅଛି ଯେ ଓଟର ଫଡ଼ିଆ ହାଡ଼ରେ ଏହି ରୋଗ ହୋଇଥାଏ ଏବଂ ସେଥିରେ ପୋକ ହୋଇଯାଏ ତାକୁ "ନଗଫ୍" କୁହନ୍ତି । ଏଥିରୁ ଆମକୁ ଏକ ଗଭୀର ଓ ସୂକ୍ଷ୍ମ ଶିକ୍ଷା ମିଳିଥାଏ ଯେ ଯେହେତୁ ଓଟଗୁଡ଼ିକ କିଛିଟା ବିଦ୍ରୋହୀ ପ୍ରକୃତିର ତେଣୁ ସେମାନଙ୍କଠାରୁ ଏ ରୋଗ ଦେଖାଦେଇଛି ସେହିପରି ଯେତେବେଳେ ମଣିଷ ବିଦ୍ରୋହୀ ହୋଇଯାଏ ସେତେବେଳେ ସେ ଏପରି ଯନ୍ତ୍ରଣା ଭୋଗିଥାଏ ।....... ଏବଂ ଏହି ରୋଗ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ କାୟା ବିସ୍ତାର କରିଥାଏ ଓ ଘରର ସବୁ ଲୋକଙ୍କୁ ବିଦା କରିବା ପରେ ହିଁ ଯାଇଥାଏ । ଏଥିରେ ଏକଥା ମଧ୍ୟ ଦର୍ଶାଯାଇଛି ଯେ ଏହି ବିପତି ଘରକୁ ସଫା କରିଦିଏ, ପିଲାମାନଙ୍କୁ ଅନାଥ କରିଦିଏ ଏବଂ ଅଗଣତି ଅସହାୟ ମହିଳାମାନଙ୍କୁ ବିଧବା କରିଦିଏ ।

ରୁଜ୍‌ଜ ର ଅର୍ଥ ଉପରେ ଚିନ୍ତା କଲେ ଏହାର କାରଣ ମଧ୍ୟ ବୁଝା ପଡ଼ିଥାଏ ଯେ ଏହି ରୋଗ ଅପରିଷ୍କାର ଓ ଅପରିଚ୍ଛନ୍ନତାରୁ ସୃଷ୍ଟି ହୋଇଥାଏ । ଯେଉଁ ସ୍ଥାନ ଭଲ ଭାବରେ ସଫା ସୁତୁରା ନଥାଏ, ଘରର କାନ୍ଥବାଡ଼ ଅପରିଷ୍କାର ଓ କବର ସଦୃଶ ହୋଇଥାଏ ଏବଂ ତା ଭିତରକୁ ନା ଆଲୋକ ଆସିଥାଏ ନା ପବନ ଆସିପାରେ । ଏହିଭଳି ସ୍ଥାନରେ ସଂକ୍ରମଣର ବିଷାକ୍ତ ପଦାର୍ଥ ସୃଷ୍ଟି ହୋଇଯାଏ ଓ ସେଥିରୁ ଏହି ରୋଗ ଜନ୍ମ ନିଏ । ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ଅଛି: **ୱର୍‌ରୁଜ୍‌ଜା ଫହ୍‌ଜୁର୍** (ଅଲମୁଦସିର୍:୬) ଅର୍ଥାତ ସମସ୍ତ ପ୍ରକାରର ଅପରିଷ୍କାରତାରୁ ଦୂରେଇ ରୁହ । ହିଜର୍ ଶବ୍ଦର ଅର୍ଥ ହେଉଛି ଦୂରକୁ ଚାଲିଯିବା । ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ ଆଧ୍ୟାତ୍ମିକ ପବିତ୍ରତାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ବାହ୍ୟ ସ୍ୱଚ୍ଛତା ଏବଂ ଶାରିରୀକ ପରିଚ୍ଛନ୍ନତା ମଧ୍ୟ ଜରୁରୀ ଅଟେ । କାରଣ ଗୋଟିଏ ଶକ୍ତି ଅନ୍ୟଟିକୁ ପ୍ରଭାବିତ କରିଥାଏ ଓ ଗୋଟିଏ ଚରିତ୍ର ଅନ୍ୟକୁ ପ୍ରଭାବିତ କରିଥାଏ ।

### ଶାରିରୀକ ସ୍ୱଚ୍ଛତାର ପ୍ରଭାବ ଓ ଆଭ୍ୟନ୍ତରୀଣ ପରିଚ୍ଛନ୍ନତା ଉପରେ ପଡ଼ିଥାଏ

ମନୁଷ୍ୟର ଦୁଇଟି ଅବସ୍ଥା ରହିଛି । ଯେଉଁମାନେ ନିଜର ଆଭ୍ୟନ୍ତରୀଣ ଅବସ୍ଥାକୁ ଧାର୍ମିକତା ଓ ପବିତ୍ରତା ଉପରେ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ସେମାନେ ଶାରିରୀକ ଶୁଦ୍ଧତା ଓ ପରିଚ୍ଛନ୍ନତାକୁ ଗ୍ରହଣ କରିବା ଆବଶ୍ୟକ । ଅନ୍ୟ ଏକ ସ୍ଥାନରେ ଅଲ୍ଲାଃ ତାଲା କହୁଛନ୍ତି: ***ଇନ୍ନଲ୍ଲାହା ୟୁହିବ୍‌ବୁତ୍ ତଓ୍ୱାବିନା ୱ ୟୁହିବ୍‌ବୁଲ୍ ମୁତତହ୍‌ହିରିନ୍*** (ଅଲ୍‌ବକ୍‌ରାଃ:୨୨୩) ଅର୍ଥାତ: ବାସ୍ତବିକ ଯେଉଁମାନେ ବାହ୍ୟ ଓ ଅନ୍ତରକୁ ନିର୍ମଳ ରଖିଥାନ୍ତି ମୁଁ ସେମାନଙ୍କୁ ମୋର ବନ୍ଧୁ ବନାଇଥାଏ । ଶାରିରୀକ ପବିତ୍ରତା ଆଭ୍ୟନ୍ତରୀଣ ପବିତ୍ରତାକୁ ପ୍ରୋତ୍ସାହିତ କରିଥାଏ । ଯଦି ମଣିଷ ଏଥିରେ ଅବହେଳା ପ୍ରଦର୍ଶନ କରେ ଯେମିତି ସେ ପାଇଖାନାକୁ ଯାଇ ପୁଣି ଶୌଚ ନ ହୁଏ ତେବେ ସ୍ୱଚ୍ଛତା ତା ଆତ୍ମାକୁ ଛୁଇଁ ପାରିବନାହିଁ । ତେଣୁ ମନେରଖନ୍ତୁ ଯେ ଆଭ୍ୟନ୍ତରୀଣ ଶୁଦ୍ଧତା ପାଇଁ ବାହ୍ୟ ପରିଷ୍କାରତା ଆବଶ୍ୟକ । ତେଣୁ ଅତ୍ୟନ୍ତ ପକ୍ଷେ ସପ୍ତାହରେ ଥରେ ଶୁକ୍ରବାର ଦିନ ସ୍ନାନ କରନ୍ତୁ । ପ୍ରତ୍ୟେକ ନମାଜ ପାଠ ପୂର୍ବରୁ ଓ୍ୱଜୁ କରନ୍ତୁ । ନମାଜ ପଢ଼ିବାକୁ ଗଲାବେଳେ ସୁଗନ୍ଧ ବ୍ୟବହାର କରନ୍ତୁ ।

ଇଦୈନ୍ ଅର୍ଥାତ ଦୁଇଟିଯାକ ଇଦ୍ ଏବଂ ଯୁମା ଦିନ ସୁଗନ୍ଧ ବ୍ୟବହାର କରିବାପାଇଁ ଯେଉଁ ନିର୍ଦ୍ଦେଶ ଅଛି ତାହା ଏହି ଉଦ୍ଦେଶ୍ୟରେ ଦିଆଯାଇଛି । ପ୍ରକୃତ କାରଣ ହେଉଛି ଏହା କି ଯେଉଁ ସ୍ଥାନରେ ଜନସମାବେଶ ହୋଇଥାଏ ସେଠାରେ ସଂକ୍ରମଣ ବ୍ୟାପିବାର ବିପଦ ଥାଏ । ତେଣୁ ସ୍ନାନ କରିବା ଦ୍ୱାରା ନିର୍ମଳ ବସ୍ତ୍ର ପରିଧାନ ଦ୍ୱାରା ଏବଂ ସୁଗନ୍ଧ ଲଗାଇବା ଦ୍ୱାରା ସଂକ୍ରମଣ ଓ ବିଷାକ୍ତ ପଦାର୍ଥକୁ ରୋକାଯାଇପାରିବ । ଯେଉଁଭଳି ଅଲ୍ଲାଃ ତାଲା ଜଣେ ଲୋକର ଜୀବନରେ ଏ ନିୟମ ରଖିଛନ୍ତି ସେହିଭଳି ସମାନ ନିୟମ ମୃତ୍ୟୁ ପରେ ମଧ୍ୟ ରଖିଛନ୍ତି ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୩୦-୨୩୧ ପ୍ରକାଶନ୨୦୧୮ କାଦିୟାନ)***

## ନବୀ ସ:ଆ:ସଙ୍କ ବାଣୀ

**ଯେତେବେଳେ ତକ୍‌ବିରେ ଇକାମତ୍ ଆରମ୍ଭ ହୋଇଯାଏ ସେତେବେଳେ ନମାଜ ପାଠ ନିମନ୍ତେ ଦଉଡ଼ି ଦଉଡ଼ି ଆସନାହିଁ ।**

(୯୦୭) ଅବାୟା ବିନ୍ ରଫାଆଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ଯୁମା ପଢ଼ିବାକୁ ଯାଉଥିଲି ଯେ ମତେ ହଜ୍‌ରତ୍ ଅବୁ ଅବସ୍ (ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଜବର୍ ର:ଅ) ମିଳିଲେ ଓ ସେ ମତେ କହିଲେ: ମୁଁ ନବୀ ସ:ଆ:ସଙ୍କୁ ଏହା କହିବାର ଶୁଣିଛି ଯେ ଯାହାର ପାଦ ଅଲ୍ଲାଃଙ୍କ ମାର୍ଗରେ ଧୂଳି ଧୂସର ହେଉଛି ଅଲ୍ଲାଃ ତାଲା ନର୍କକୁ ତା ପାଇଁ ହରାମ୍ କରିଦେବ ।

(୯୦୮) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଶୁଣିଛି ଯେ ଆପଣ ସ:ଆ:ସ କହୁଥିଲେ: ଯେତେବେଳେ ତକ୍‌ବିର୍ ଇକାମତ୍ ଆରମ୍ଭ ହୋଇଯିବ ସେତେବେଳେ ନମାଜ ପାଠ ନିମନ୍ତେ ଦଉଡ଼ି କରି ଆସନାହିଁ ବରଂ ସାଧାରଣ ଗତିରେ ଚାଲି ଚାଲି ଆସ ଏବଂ ସ୍ଥିରତାକୁ ତୁମେ ଆପଣେଇ ନିଅ । ଯେତିକି ନମାଜ ତୁମକୁ ମିଳୁଛି ସେତିକି ପଢ଼ ଯାହା ବାକି ରହୁଛି ତାକୁ ପୂରଣ କରିନିଅ ।

(୯୦୯) ଅବ୍‌ଦୁଲ୍ଲାଃ ବିନ୍ ଅବି କତାବାଃ ନିଜ ବାପାଙ୍କଠାରୁ ରିଓ୍ୱାୟତ କରୁଛନ୍ତି ଯେ ନବି କରିମ୍ ସ:ଆ:ସ କହିଛନ୍ତି: ଯେ ପର୍ଯ୍ୟନ୍ତ ମତେ (ଉଠିବାର) ଦେଖିଛ ସେ ପର୍ଯ୍ୟନ୍ତ ଉଠନାହିଁ । ତୁମେମାନେ ଆରାମରେ ଉଠିବା ଉଚିତ ।

**(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯୁମା, ମୁଦ୍ରଣ କାଦିଆନ୍ ୨୦୦୬)**

**ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ କଥାକୁ ଥଟ୍ଟା ପରିହାସ କରି ବର୍ଣ୍ଣନା କରିବା ଅତ୍ୟନ୍ତ ଭୟଙ୍କର । ଏକଥା ହୃଦୟକୁ କଳା କରିଦିଏ । ଏ ପ୍ରକାରର ଥଟ୍ଟା ପରିହାସ ସେ ବ୍ୟକ୍ତି କରିପାରେ ଯାହା ଭିତରେ ଗମ୍ଭୀରତା ନଥାଏ ଏବଂ ଯାହା ମଧ୍ୟରେ ସଂଯମତା ନଥାଏ ନା ସେ ଧର୍ମ ପାଇଁ ହିତକାରୀ ହୋଇପାରେ ନା ସଂସାରର ହିତକାରୀ ହୋଇଥାଏ ।**

ଅଲ୍ଲାଃ ତାଲା ବିନ ଇସ୍ରାଇଲ୍‌କୁ ଏ ନିର୍ଦ୍ଦେଶ ଦେଇଥିଲେ ଯେ ତୁମେ "ହିତ୍‌ତତୁନ୍" କୁହ ଅର୍ଥାତ ହେ ଅଲ୍ଲାଃ ! ଆମ ପାପକୁ କ୍ଷମା କର କିନ୍ତୁ ସେମାନେ ଥଟ୍ଟାରେ "ହିନ୍‌ତତୁନ୍" କହିବା ଆରମ୍ଭ କରିଦେଲେ ଅର୍ଥାତ ଆମକୁ ଗହମ ମିଳୁ । ସେମାନଙ୍କ ମନ ଭିତରେ ଗହମ ଅଟାର ଗରମ ଗରମ ନାନ୍ (ରୁଟି) ଖାଇବାର ଲୋଭ ସୃଷ୍ଟି ହୋଇଗଲା । ତେଣୁ ସେମାନେ "ହିତ୍‌ତତୁନ୍" ଶବ୍ଦଟିକୁ ବିଗାଡ଼ି ଦେଇ "ହିନ୍‌ତତୁନ୍" କହିବା ଆରମ୍ଭ କରିଦେଲେ । ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି:

"ଦେଖ କେଡ଼େ ଛୋଟିଆ କଥାଟିଏ କିନ୍ତୁ ତାହା ଈଶ୍ୱରଙ୍କ କ୍ରୋଧର କାରଣ ହୋଇଗଲା । ତାହାର କାରଣ ହେଉଛି ଏହା କି ମଣିଷ କେବଳ ସଂଯମତା ଯୋଗୁଁ ପୂଣ୍ୟକର୍ମରେ ଉନ୍ନତି କରିପାରେ । ମଣିଷ କେତେ ବି ଉପାସନା କରୁ କେତେ ବି ରାଷ୍ଟ୍ରୀୟ ସେବାକାର୍ଯ୍ୟ କରୁ କିନ୍ତୁ ଯଦି ତା ମଧ୍ୟରେ ସଂଯମତା ନାହିଁ ତେବେ ସେ କଦାପି ଆଧ୍ୟାତ୍ମିକ ଉନ୍ନତି କରିପାରିବ ନାହିଁ ଓ ନା ସେ ତା ଜାତିପାଇଁ ହିତକାରୀ ହୋଇପାରେ । ବରଂ ଏହିଭଳି ଅସଂଯତ ଲୋକେ ବେଳେ ବେଳେ ନିଜ ଜାତିକୁ ବିପଦପୂର୍ଣ୍ଣ ଖାଇ ଭିତରକୁ ଠେଲି ଦେଇଥାନ୍ତି । "ହିତ୍‌ତତୁନ୍" ଶବ୍ଦଟିକୁ "ହିନ୍‌ତତୁନ୍" କହିଦେବା ଗୋଟିଏ ଛୋଟିଆ କଥା ବୋଲି ଜଣାପଡୁଛି କିନ୍ତୁ ଯଦି ଚିନ୍ତା କରି ଦେଖିବେ ତେବେ ତାହା ବଡ଼ ଗୁରୁତ୍ୱପୂର୍ଣ୍ଣ ବିଷୟ କାରଣ ଏହା ଦ୍ୱାରା ଖୁଦାତାଲାଙ୍କ ବାଣୀକୁ ପରିହାସ କରାଯାଇଅଛି । ଏହିଭଳି ଥଟ୍ଟା ପରିହାସ କଥା ସେହି ବ୍ୟକ୍ତି କରିପାରେ ଯାହାର ହୃଦୟ ଭିତରେ ସଂଯମତା ନାହିଁ ଏବଂ ଯାହା ହୃଦୟରେ ଗାମ୍ଭୀର୍ଯ୍ୟତା ନାହିଁ ନା ତ ସେ ଧର୍ମ ପାଇଁ ହିତକାରୀ ହୋଇପାରେ ଓ ନା ସେ ଦୁନିଆ ପାଇଁ ହିତକାରୀ ହୋଇପାରେ । ଛୋଟ ଛୋଟ ଉତେଜନା ପୂର୍ଣ୍ଣ ମଉକା ଏହିପରି ଲୋକମାନଙ୍କୁ ନିଜ ସମ୍ପ୍ରଦାୟ ଓ ନିଜ

ଦେଶ ସହିତ ଏବଂ ଛୋଟ ଛୋଟ ପ୍ରଲୋଭନ ଅବସର ଏହିଭଳି ଲୋକମାନଙ୍କୁ ସମ୍ପ୍ରଦାୟ ଓ ନିଜ ଦେଶ ସହିତ ବିଶ୍ୱାସଘାତ କରିବାପାଇଁ ପ୍ରୋତ୍ସାହିତ କରିଥାଏ । ଆଜିକାଲି ବେଦିନ୍ ମୁସଲମାନମାନଙ୍କର ମଧ୍ୟ ଏହି ଅବସ୍ଥା ରହିଛି । ବାସ୍ତବ ପକ୍ଷେ ଏମାନେ ବେଦିନ୍ (ନାସ୍ତିକ) ଅଟନ୍ତି । କିନ୍ତୁ ଯେଉଁମାନେ ନିଜକୁ ଧାର୍ମିକ ବୋଲାଉଛନ୍ତି, ଓ୍ୱଲେମା ବୋଲାଉଛନ୍ତି ବା ସୁଫି ବୋଲାଉଛନ୍ତି, ସେମାନେ ମଧ୍ୟ ଦୀନ୍ (ଧର୍ମ) କଥା ହେବାବେଳେ ଥଟ୍ଟା ପରିହାସ କରିଦେଇଥାନ୍ତି । ଆବଶ୍ୟକ ନଥିବା ସ୍ଥାନରେ ପବିତ୍ର କୋରାନ୍‌ର ଆୟତ (ପଂକ୍ତି) ପଢ଼ିଦିଅନ୍ତି କେଉଁଠି ଥଟ୍ଟା ପରିହାସ ଚାଲିଥିବା ସମୟରେ ନବୀ ସ:ଆ:ସଙ୍କ ହଦିସ୍ ପଢ଼ି ଦେଇଥାନ୍ତି । ଯେବେ କି ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ସ୍ଥାନ ବହୁତ ଉର୍ଦ୍ଧରେ । ତେଣୁ ତାଙ୍କ କଥାକୁ ଥଟ୍ଟା ପରିହାସ ଅବସରରେ ବର୍ଣ୍ଣନା କରିବା ଅତି ବିପଦପୂର୍ଣ୍ଣ କଥା । ଏହା ହୃଦୟକୁ କଳା କରିଦିଏ, ଆଧ୍ୟାତ୍ମିକତାକୁ ମାରିଦିଏ ଏବଂ ଧର୍ମ ପରାୟଣତାକୁ ଦଳିଦିଏ । ଏହି ପାପ ଉପରେ ବିଜୟ ଲାଭ କରିବା ପାଇଁ କୌଣସି ବଡ଼ ପରିଶ୍ରମର ଆବଶ୍ୟକତା ନାହିଁ । କୌଣସି ଲୋଭକୁ ଚାପି ଦେବାର ଏଠାରେ ପ୍ରଶ୍ନ ଉଠୁନାହିଁ । କେବଳ ଏକ ମାମୁଲି ଧ୍ୟାନ ଦେବାର ଆବଶ୍ୟକ ରହିଛି । ଯେଉଁ ଲୋକମାନଙ୍କ ମଧ୍ୟରେ ଏହି ରୋଗ ଅଛି ସେମାନେ ଟିକିଏ ଧ୍ୟାନ ଦେଲେ ସେମାନେ ଏହି ଦୋଷଦୁର୍ବଳତାକୁ ଦୂରେଇ ପାରିବେ । ତାହା ସେମାନଙ୍କୁ ବଡ଼ ବଡ଼ କାମ କରିବା ନିମନ୍ତେ ପ୍ରସ୍ତୁତ କରିଦେବ ।

ତେଣୁ ଈଶ୍ୱରଙ୍କ କଥା ଏବଂ ତାହାଙ୍କ ଦୂତଙ୍କ କଥାରେ ଥଟ୍ଟା ପରିହାସ କରିବା କାର୍ଯ୍ୟକୁ ସମ୍ପୂର୍ଣ୍ଣରୂପେ ଛାଡ଼ିଦିଅ । ଏମିତି ପାପ କାର୍ଯ୍ୟରେ କିଛି ମଜାନାହିଁ । ତାହା ମଣିଷର ହୃଦୟକୁ ବିଲକୁଲ୍ ମୁର୍ଦ୍ଦାର ବନାଇଦିଏ । ଖୁଦା ଏବଂ ତାହାଙ୍କ ରସୁଲ୍‌ଙ୍କ ଚର୍ଚ୍ଚା ହେବା ସମୟରେ ମନ ଭିତରେ ଭୟ ରଖିବା ଉଚିତ । ଯାହା ସହିତ ପ୍ରେମଭାବ ଥାଏ ତାହାଙ୍କ ଚର୍ଚ୍ଚାରୁ ମନ କେବେ ବି ଆକୃଷ୍ଟ ନ ହୋଇ ରହିପାରିବ ନାହିଁ । ନିଜ ମାଆ ବାପାଙ୍କ ସହିତ କେହି ବି ଥଟ୍ଟା ପରିହାସ କରନ୍ତିନାହିଁ । ନିଜ ମାଆ ବାପାଙ୍କ କଥାକୁ ମଧ୍ୟ କୌଣସି ବ୍ୟକ୍ତି ଥଟ୍ଟା କରେନାହିଁ । ତେବେ ପୁଣି କାହିଁକି ଖୁଦା ଏବଂ ତାହାଙ୍କ ରସୁଲ୍‌ଙ୍କ କଥାକୁ ଥଟ୍ଟା ପରିହାସ ଚାଲିଥିବା ଅବସରରେ ବ୍ୟବହାର କରାଯିବ? ଏବଂ ଗୋଟିଏ ସେକେଣ୍ଡର ଥଟ୍ଟା ପାଇଁ ସାରା ଜୀବନର ଉପାସନାକୁ ନଷ୍ଟ କରିଦିଆଯିବ? ସାବଧାନ! ସାବଧାନ!!

*(ତଫ୍‌ସିର୍ କବିର, ଖଣ୍ଡ-୧, ପୃ-୪୬୯-୪୭୦.....୨୦୧୦)*

⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଇସ୍‌ଲାମୀୟ ଶିକ୍ଷାକୁ ଉପସ୍ଥାପନ କରିଛନ୍ତି ଏବଂ ତାହା ହିଁ ବାସ୍ତବିକ ପ୍ରକୃତ ଇସ୍‌ଲାମ୍ ମୁଁ ଆଜି ଆଁ ହଜରତ୍ ସ:ଆ:ସଙ୍କ ସମ୍ବନ୍ଧରେ ଜ୍ଞାନ ଆହୋରଣ କଲି ଯେ, କିଭଳି ମଦିନାରେ ସେ ବହୁତ ଉଚ୍ଚସ୍ତରର ସମାଜ ପ୍ରତିଷ୍ଠା କରିଛନ୍ତି । ମୁଁ ଆଜି ପ୍ରଥମଥର ପାଇଁ ଜାଣିପାରିଲି ଯେ, ଇସ୍‌ଲାମ୍ ଶିକ୍ଷା କ୍ଷେତ୍ରରେ କେତେ ଅବଦାନ ଦେଇଛି ଓ ଏ ପୃଥିବୀକୁ କେତେ ଜ୍ଞାନ ବାଂଟିଛି ।

ସେ ମହାଶୟ ପୁଣି କହିଲେ, ଏତଦ୍ ଭିନ୍ନ ଖଲିଫା ସାହେବଙ୍କର ଯେଉଁ ଅଭିଭାଷଣ ଥିଲା ସେଥିରେ ଶାନ୍ତିର ବାର୍ତ୍ତା ମଧ୍ୟ ଥିଲା ତାହା ପବିତ୍ର କୁରଆନ୍ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ଉଦାହରଣ ଦେଇ ବର୍ଣ୍ଣନା କରାଯାଇଅଛି ଏହା ଆଜିକାଲିର ଯୁଗରେ ଅତ୍ୟନ୍ତ ଲାଭକାରି ।

ଆଉ ଜଣେ ମହିଳା ମିସ୍ ଦନୁତା ସାହିବା ଯିଏ ଜଣେ ନନ୍‌ପ୍ରଫିଟ୍ ଅର୍ଗାନାଇଜେସନ୍‌ର ନିର୍ଦ୍ଦେଶକ ଅଛନ୍ତି ସେ ନିଜର ମନୋଭବା ବ୍ୟକ୍ତ କରି କହୁଛନ୍ତି ଆପଣଙ୍କ ଖଲିଫା ବହୁବାର ନିଜ ଭାଷଣରେ ଶିକ୍ଷାର ଗୁରୁତ୍ୱ ବିଷୟରେ ଚର୍ଚ୍ଚା କରିଛନ୍ତି । ମତେ ଏହା ବହୁତ ଭଲ ଲାଗିଲା ଯେ, ଖଲିଫା ସାହେବ କିଭଳି ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି । ଆପଣମାନେ ଝିଅ ପିଲାମାନଙ୍କୁ ଗୋଲ୍ଡ ମେଡ଼ାଲ୍ ଦେଉଛନ୍ତି ଅର୍ଥାତ ଯେଉଁ ଝିଅମାନେ ଉଚ୍ଚ ଶିକ୍ଷା ହାସଲ କରୁଛନ୍ତି ସେମାନଙ୍କୁ ଏଭଳି ପୁରସ୍କାର ଦେଇ ପ୍ରୋତ୍ସାହିତ କରୁଛନ୍ତି । ମୁଁ ଜଣେ ବୈଜ୍ଞାନିକ ତେଣୁ ମୋ ପାଇଁ ଏହା ବହୁତ ଆଶ୍ଚର୍ଯ୍ୟପୂର୍ଣ୍ଣ କଥା ଯେ, ଜଣେ ଧର୍ମିୟ ନେତା ବିଜ୍ଞାନକୁ ପ୍ରମୋଟ କରୁଛନ୍ତି । ଯେବେ କି ଧର୍ମଗୁରୁମାନେ ସାଧାରଣତଃ ବିଜ୍ଞାନକୁ ଭୟ କରିଥାନ୍ତି ।

ଆଉ ଜଣେ ଅତିଥି ଆଲେକଜାଣ୍ଡାର ବାଇନ୍ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ବହୁତ ସାରଗର୍ଭକ ଥିଲା ଓ ଯାହାର ମୁଳଦୁଆ ଶାନ୍ତି ଉପରେ ପର୍ଯ୍ୟବେସିତ ଥିଲା । ଏହି ଅଭିଭାଷଣରେ ଆପଣଙ୍କ ଖଲିଫା ଏ କଥା ସ୍ପଷ୍ଟ କରିଦେଇଛନ୍ତି ଯେ ମୁସଲମାନମାନେ ବହୁତ ସହଜରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଇଂଟିଗ୍ରେଟ ହୋଇପାରିବେ ଏବଂ ଇସ୍‌ଲାମ୍ ମାନବିକ ଅଧିକାରକୁ ସ୍ଥାପନ କରୁଅଛି ।

ମୁଁ ଆପଣଙ୍କ ଖଲିଫାଙ୍କଠାରୁ ଇନ୍‌ଶାନିଅତ୍ ସମ୍ବନ୍ଧରେ ବହୁତ କିଛି ଶିଖିଲି ଏବଂ ମୁଁ ଆଶ୍ଚର୍ଯ୍ୟ ଯେ, ଆପଣମାନେ କେତେ ମାତ୍ରାରେ ଆଗକୁ ବଢ଼ି ମନୁଷ୍ୟତର ସେବା କରୁଛନ୍ତି । ଆପଣମାନେ ଆଫ୍ରିକାରେ ଶିକ୍ଷାକୁ ପ୍ରସାର କରୁଛନ୍ତି ସେହିଭଳି ସ୍ୱାସ୍ଥ୍ୟ ସେବାକୁ ଗରିବ ଲୋକମାନଙ୍କ ନିକଟରେ ପଂହଚାଉଛନ୍ତି ଏହି ଭଳି ଆପଣମାନେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ମାନବଜାତିର ସେବାକାର୍ଯ୍ୟ କରୁଛନ୍ତି ।

ଉମର୍ କେଇଟା ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଖଲିଫତୁଲ୍ ମସିହି ଏକ ଅସାଧାରଣ ବ୍ୟକ୍ତି ବିଶେଷ ସେ ଶାନ୍ତିର ପ୍ରଚାର କରୁଛନ୍ତି ଏବଂ ତାଙ୍କର ଜ୍ଞାନ ମଧ୍ୟ ବହୁତ ବ୍ୟାପକ ମୁଁ ଖଲିଫା ସାହେବଙ୍କୁ ତାଙ୍କ ଶାନ୍ତିର ବାର୍ତ୍ତା ଯୋଗୁଁ ଶୁଭେଚ୍ଛା ଜଣାଉଛି । ୟୁନେସ୍କୋ ହେଉଛି ଏପରି ଏକ ଆଦର୍ଶ ସ୍ଥାନ ଯେଉଁଠି ଶାନ୍ତି ଉପରେ କଥା ଓ ଚର୍ଚ୍ଚା ହୋଇପାରେ । ଖଲିଫା ଏପରି ଜଣେ ବ୍ୟକ୍ତି ବିଶେଷ ଯାହାଙ୍କର ଅସ୍ତିତ୍ୱ ଶାନ୍ତିରେ ପରିପୂର୍ଣ୍ଣ ଏବଂ ଆଜି ମୁସଲମାନ ସମ୍ପ୍ରଦାୟକୁ ଏହିଭଳି ଲିଡ଼ରର ଆବଶ୍ୟକତା ଅଛି ।

ଆଜି ମୁଁ ଜଣେ ଏଭଳି ବ୍ୟକ୍ତିଙ୍କ ନିକଟରେ ଥିଲି ଯିଏ ହେଉଛନ୍ତି ଶାନ୍ତି ଓ ନ୍ୟାୟର ପ୍ରତିକ । ତାଙ୍କ ଦ୍ୱାରା ବର୍ଣ୍ଣିତ ନ୍ୟାୟ ଆଜି ସମସ୍ତଙ୍କ ପାଇଁ ଆବଶ୍ୟକ ଓ ଏହି ନ୍ୟାୟ ଏତିକିବେଳେ ଦରକାର ଯେତେବେଳେ ସନ୍ତ୍ରାସବାଦ ଚାରିଆଡ଼େ ନିଜର କାୟା ବିସ୍ତାର କରିଚାଲିଛି ।

**୦୯ ଅକ୍ଟୋବର ୨୦୧୯ (ବୁଧବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬:୪୫ ମିନିଟରେ ମସଜିଦ୍ ମୁବାରକ୍‌ରେ ପଦାର୍ପଣ କରି ଫଜର ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ପ୍ୟାରିସ୍‌ରୁ ଯାତ୍ରା ଆରମ୍ଭ କରି ଷ୍ଟ୍ରାସ୍‌ବର୍ଗଠାରେ ପଦାର୍ପଣ**

ଆଜି ପ୍ରୋଗ୍ରାମ ମୁତାବକ ଯମାତ୍‌ର କେନ୍ଦ୍ର ଦାରୁସ୍ ସଲାମ୍ (ପ୍ୟାରିସ୍)ରୁ ଫ୍ରାନ୍ସର ପ୍ରାଚ୍ୟ ଭାଗରେ ଅବସ୍ଥିତ ଷ୍ଟ୍ରାସ୍‌ବର୍ଗ ସହର ନିମନ୍ତେ ଯାତ୍ରା କରିବାର ପ୍ରୋଗ୍ରାମ ଥିଲା । ଏଠାରୁ ଷ୍ଟ୍ରାସ୍‌ବର୍ଗର ଦୁରତା ୫୧୩ କି.ମି. ।

ଯମାତ୍‌ର ସମସ୍ତ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ଦେବାପାଇଁ ମିଶନ୍ ହାଉସ୍‌ଠାରେ ଏକତ୍ରିତ ହେବା ଆରମ୍ଭ କରିଦେଇଥିଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୧୨:୧୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ଉପସ୍ଥିତ ସମସ୍ତ ଅହେମଦୀମାନଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ । ତା'ପରେ ସାମୁହିକ ଦୁଆ (ନୀରବ ପ୍ରାର୍ଥନା) କରାଇଲେ ।

ଦୁଆ ପରେ କାଫିଲା ଷ୍ଟ୍ରାସ୍‌ବର୍ଗ ନିମନ୍ତେ ଯାତ୍ରା ଆରମ୍ଭ କଲା । ବହୁତ ଲମ୍ବା ଯାତ୍ରା ଯୋଗୁଁ ରାସ୍ତାରେ ରହି ଜୋହର୍ ଏବଂ ଅସର୍ ନମାଜ ପାଠ କରିବା ନିମନ୍ତେ ଏବଂ ଦ୍ୱିପ୍ରହରର ଭୋଜନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ପ୍ରୋଗ୍ରାମ ମୁତାବକ ୧୬୫ କି.ମି ରାସ୍ତା ଅତିକ୍ରମ କରିବା ପରେ ଠିକ୍ ଦୁଇଟା ପାଂଚ ମିନିଟରେ Chalons En Champgne ଜିଲ୍ଲାର ରେମ୍‌ସ ଇଲାକାରେ ଅବସ୍ଥିତ ଗୋଟିଏ ହୋଟେଲ୍ Les Crayeres ଠାରେ ପହଂଚିଲେ ସେହି ହୋଟେଲ୍‌ର ଗୋଟିଏ ହଲ୍‌ରେ ନମାଜ ପଢ଼ିବାର ବ୍ୟବସ୍ଥା କରାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୨:୩୦ ମିନିଟରେ ସେହି ହଲ୍‌ରେ ପହଂଚି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ଦ୍ୱିପ୍ରହରର ଭୋଜନ ହେଲା ଏବଂ ଭୋଜନ ପରେ ପାଖାପାଖି ୩:୫୫ ମିନିଟ ସମୟରେ ଆଗକୁ ଯାତ୍ରା ଆରମ୍ଭ ହେଲା । ଏବେ ଏଠାରୁ ଷ୍ଟ୍ରାସ୍‌ବର୍ଗର ଦୁରତା ୩୪୮ କି.ମି । ଅନବରତ ଯାତ୍ରା ଜାରି ରହିଲା ଠିକ୍ ସଂନ୍ଧ୍ୟା ୭:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅଙ୍କର ମସ୍‌ଜିଦ୍ ମେହେଦୀ ଷ୍ଟ୍ରାସ୍‌ବର୍ଗଠାରେ ପର୍ଦାପଣ ହେଲା । ମସ୍‌ଜିଦ୍ ମେହେଦୀ ଏବଂ ଯମାତ୍ ଅହେମଦୀୟାର କେନ୍ଦ୍ର ଷ୍ଟ୍ରାସ୍‌ବର୍ଗର ନିକଟବର୍ତୀ ଅଂଚଳ Hurtigheim ଠାରେ ଅବସ୍ଥିତ ।

ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରି ଯମାତ୍‌ର ଆବାଳବୃଦ୍ଧବନିତା ବହୁତ ଉତ୍ସାହିତ ହୋଇ ନିଜର ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ଆଜି ଏଠିକାର ସଦସ୍ୟମାନଙ୍କ ପାଇଁ ଅତ୍ୟନ୍ତ ଖୁସି, ଆନନ୍ଦ ଓ ବରକତ୍‌ର ଦିନ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ପାଦ ପ୍ରଥମଥର ପାଇଁ ତାଙ୍କର ଏହି ଭୂମିରେ ପଡ଼ୁଥିଲା ପ୍ରତ୍ୟେକ ବ୍ୟକ୍ତି ଆନନ୍ଦରେ ବିଭୋର ଥିଲା ଆଜିର ଦିନଟି ଏପରି ଏକ ଦିନ ଥିଲା ଯାହାକୁ ଏହି ଯମାତ୍‌ର ଲୋକମାନେ ସର୍ବଦା ମନେ ରଖିବେ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଭେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଲୋକମାନଙ୍କ ମଧ୍ୟରେ ଯେଉଁମାନେ ମୁତ୍‌ତକି ଅର୍ଥାତ ଧର୍ମ ପରାୟଣ ସେମାନେ ମୋ ନିକଟରେ ଅଛନ୍ତି ।
ସେ ଯେକେହି ହୁଅନ୍ତୁ ନା କାହିଁକି ଓ ଯେଉଁଠାରେ ରହନ୍ତୁ ନା କାହିଁକି । (ହଦିସ୍)

ହଜ୍‌ରତ୍ ମାଆଜ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଯେବେ ତାଙ୍କୁ ୟମନ୍ ପଠାଇଲେ
ସେତେବେଳେ ଏ ଉପଦେଶ ଦେଇଥିଲେ ଯେ ସୁକୁମାର ଜୀବନ ଗ୍ରହଣ କରିବାରୁ ବଂଚିବ
କାରଣ ଅଲ୍ଲାଃଙ୍କ ଭକ୍ତଗଣ ସୁକୁମାର ଜୀବନ ଗ୍ରହଣ କରିନଥାନ୍ତି

ମିଲାଦୁନ୍ ନବୀ ସ:ଆ:ସ ପାଳନ କରିବାର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ଆପଣ ସ:ଆ:ସଙ୍କ ଆଦର୍ଶ ଓ
ଆପଣ ସ:ଆ:ସଙ୍କ ଉପଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦାଧାରୀ ବଦ୍‌ରି ସାହାବା କୁର୍‌ଆନ୍‌ର କାରୀ, ରସୁଲ୍ ସ:ଆ:ସଙ୍କ ପ୍ରୀୟ,
ଧର୍ମ ଜ୍ଞାନର ପ୍ରବୀଣ ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ଏବଂ ଉହଦ୍ ଯୁଦ୍ଧରେ ସର୍ବପ୍ରଥମେ ଶହୀଦ ହେବାର
ଗୌରବ ପ୍ରାପ୍ତ କରିଥିବା ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୩୦ ଅକ୍ଟୋବର ୨୦୨୦ ଅନୁଯାୟୀ ୩୦ ଇଖା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଗତ ଖୁତ୍‌ବାରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କର ଚର୍ଚ୍ଚା କରୁଥିଲି, ଆଜି ମଧ୍ୟ ତାଙ୍କ ଜୀବନୀର ଅବଶିଷ୍ଟାଂଶ ବର୍ଣ୍ଣନା କରିବି । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଜଣେ ବଡ଼ ବଦାନ୍ୟ ଓ ଖର୍ଚ୍ଚୀ ବ୍ୟକ୍ତି ଥିଲେ । ସେ ମୁକ୍ତ ହସ୍ତରେ ଖର୍ଚ୍ଚ କରିବା ଯୋଗୁଁ ଅଧିକାଂଶ ସମୟରେ ତାଙ୍କୁ କରଜ ନେବାକୁ ପଡୁଥିଲା । କରଜ ପରିଶୋଧ ନ କରିପାରିବା ଯୋଗୁଁ ଯେତେବେଳେ କରଜଦାତାମାନେ ତାଙ୍କୁ ହଇରାଣ ହରକତ କଲେ ସେତେବେଳେ ସେ କିଛି ଦିନ ଘରେ ଲୁଚି ରହିଲେ ଯଦ୍ୱାରା ସେମାନେ ଅର୍ଥାତ କରଜଦାତାମାନେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କଠାରୁ ସେମାନଙ୍କର କରଜ ରାଶି ଫେରସ୍ତ ପାଇବାପାଇଁ ନିବେଦନ କଲେ । ଏଥିରେ ହଜୁର ସ:ଆ:ସ ଲୋକ ପଠାଇ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ଡ଼କାଇ ପଠାଇଲେ ଏବଂ କରଜ ପରିଶୋଧ କରିବା ନିମନ୍ତେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତିର ମୂଲ୍ୟାୟନ କରାଗଲା । ଯେତେବେଳେ ତାଙ୍କ ସମ୍ପତି ତୁଳନାରେ କରଜରାଶି ଅଧିକ ହୋଇଗଲା ସେତେବେଳେ ହଜୁର ସ:ଆ:ସ କହିଲେ ଯେଉଁ ବ୍ୟକ୍ତି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ଦେଇଥିବା କରଜକୁ କ୍ଷମା କରିଦେବ ଅଲ୍ଲାଃ ତାଲା ତାହା ସହ ଦୟା ଆଚରଣ କରିବେ । ସୁତରାଂ କିଛି ଲୋକ ନିଜ ଦେଇଥିବା କରଜରାଶି କ୍ଷମା କରିଦେଲେ କିନ୍ତୁ ଆଉ କିଛି ଲୋକ କରଜରାଶି ଫେରସ୍ତ ପାଇବା ପାଇଁ ଦାବି କଲେ । ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ସମସ୍ତ ସମ୍ପତି ସେମାନଙ୍କ ମଧ୍ୟରେ ବାଂଟି ଦେଲେ କିନ୍ତୁ ତଥାପି କରଜରାଶି ସମ୍ପୂର୍ଣ୍ଣ ରୂପେ ପରିଶୋଧ ହୋଇପାରିଲା ନାହିଁ କିନ୍ତୁ ହଁ ସମସ୍ତଙ୍କୁ କିଛି ନା କିଛି ଭାଗ ମିଳିଗଲା । କରଜଦାତାମାନେ ନିଜ ବାକି କରଜ ରାଶି ପାଇବାର ଅଳି କଲେ ଏଥିରେ ହଜୁର ସ:ଆ:ସ କହିଲେ, ବର୍ତମାନ ତାଙ୍କୁ ଛାଡ଼ି ଦିଅ ଆଉ ତାଙ୍କ ନିକଟରେ କିଛି ନାହିଁ ଯାହାକି ସେ ଆପଣଙ୍କୁ ଦେଇପାରିବେ । ଏଥିଅନ୍ତେ ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ୟମନ ଅଭିମୁଖେ ପ୍ରେରଣ କରିଦେଲେ ଏବଂ କହିଲେ ସମ୍ଭବତଃ ପ୍ରଭୁ ଏତଦ୍‌ଦ୍ୱାରା ତୁମ କ୍ଷତି ଭରଣ କରିବା ସହିତ ତୁମ କରଜ ପରିଶୋଧ କରିବାର ଯୋଗାଡ଼ କରିଦେବେ ।

*(ସିରସ୍ ସାହାବା ଖଣ୍ଡ-୫, ପୃ-୧୪୬.....କରାଚି)*
*(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୧୮୮...... ଲେବ୍‌ନାନ୍ ୨୦୦୩)*
*(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୪୪୦-୪୪୧.......ଲେବ୍‌ନାନ୍ ୧୯୯୦)*

ଏଥି ସହିତ ହଜୁର ସ:ଆ:ସ ତାଙ୍କୁ କହିଲେ ହେ ମୁଆଜ୍! ତୁମ ମୁଣ୍ଡରେ କରଜର ମସ୍ତବଡ଼ ବୋଝ ରହିଛି ତେଣୁ ଯଦି ତୁମକୁ କେହି ଉପହାର ଦିଅନ୍ତି ତେବେ ତାହାକୁ ସ୍ୱୀକାର କରିନେବ ମୁଁ ତୁମକୁ ଏହାର ଅନୁମତି ପ୍ରଦାନ କରୁଅଛି ।

*(ସିରସ୍ ସାହାବା ଖଣ୍ଡ-୫, ପୃ-୧୪୬.....ଲାହୋର୍)*

ଇସ୍‌ଲାମ୍‌ରେ ଉପହାର ନେବା ମନା ନୁହେଁ ବରଂ ଏତଦ୍‌ଦ୍ୱାରା ପାରସ୍ପରିକ ପ୍ରେମ ସମ୍ପର୍କ ସୁଦୃଢ଼ ଓ ମଜ୍‌ଭୁତ ହୋଇଥାଏ କିନ୍ତୁ ସେ ଯେହେତୁ ୟମନ୍‌କୁ ହଜୁର ସ:ଆ:ସଙ୍କ ପ୍ରତିନିଧି ହୋଇ ଯାଇଥିଲେ ହଜୁର ସ:ଆ:ସ ତାଙ୍କୁ ପ୍ରେରଣ କରିଥିଲେ ତେଣୁ ଏହି ଦୃଷ୍ଟିକୋଣରୁ ହଜୁର ସ:ଆ:ସ କହିଲେ ଯଦି ତୁମକୁ କେହି ଉପହାର ଦିଅନ୍ତି ତଥା ହଜୁର ସ:ଆ:ସଙ୍କ ପ୍ରତିନିଧି ମଣି ଆପଣଙ୍କୁ କେହି ଉପହାର ଦିଅନ୍ତି ତେବେ ତୁମେ ତାହାକୁ ଗ୍ରହଣ କରିନେବ । ସେଥିରେ କିଛି ଅସୁବିଧା ନାହିଁ କାରଣ ତାହା ସାଧାରଣତଃ ରାଜକୋଷ ଅର୍ଥାତ ବଇତୁଲ୍ ମାଲ୍‌କୁ ଚାଲିଯାଇଥାଏ ।

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ମତେ ୟମନ୍ ପ୍ରେରଣ କରିବା ପୂର୍ବରୁ ଉପଦେଶ ପୂର୍ବକ କହିଲେ ଏବଂ ନିଜ ସାଥିରେ ଅର୍ଥାତ ମୋ ସାଥିରେ ବାହାରକୁ ଆସିଲେ ଅର୍ଥାତ ଯେତେବେଳେ ମୁଁ ବାହନରେ ବସି ୟମନ ଅଭିମୁଖେ ବାହାରିଲି ମୋ ସାଥିରେ ଆପଣ ସ:ଆ:ସ ଚାଲିଲେ, ମୁଁ ବାହନ ଉପରେ ବସିଥିଲି କିନ୍ତୁ ହଜୁର ସ:ଆ:ସ ମୋ ସାଥିରେ ଚାଲି ଚାଲି ଯାଉଥିଲେ ଯେତେବେଳେ ହଜୁର ସ:ଆ:ସ ନିଜ କଥା ସାରିଦେଲେ ସେତେବେଳେ କହିଲେ ହେ ମୁଆଜ୍! ସମ୍ଭବତଃ ଆସନ୍ତା ବର୍ଷ ମୋର ତୁମ ସହିତ ସାକ୍ଷାତ ହୋଇନପାରେ ଏବଂ ତୁମକୁ ମୋ ମସ୍‌ଜିଦ୍ ଓ ମୋ କବର ନିକଟରେ ଅତିକ୍ରମ କରିବାର ଅବସର ମିଳିପାରେ । ଏହା ଶୁଣିବା ମାତ୍ରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଅଧର୍ଯ୍ୟ ହୋଇ ରୋଦନ କରିଚାଲିଲେ ତା'ପରେ ହଜୁର ସ:ଆ:ସ ନିଜ ପବିତ୍ର ମୁଖ ମଦିନାଆଡ଼କୁ କରି କହିଲେ ମୋ ନିକଟରେ ଗ୍ରହଣୀୟ ସିଏ ଯିଏ ଧର୍ମ ପରାୟଣ ସେ ଯେକେହି ହେଉ ନା କାହିଁକି ଏବଂ ଯେଉଁଠାରେ ରହିଥାଉ ନା କାହିଁକି ।

*(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ମସ୍‌ନଦ୍ ଅହ୍‌ମଦ୍ ବିନ୍ ଜବଲ୍ ଖଣ୍ଡ-୭, ପୃ-୩୫୯.... ହଦିସ୍- ୨୨୪୦୨..... ବେରୁତ ୧୯୯୮)*

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ସେହି ଅବସରରେ ଏକଥା ମଧ୍ୟ କହିଥିଲେ କି ତୁମେ ଖୁବ୍ ଶିଘ୍ର ଏଭଳି ଲୋକମାନଙ୍କ ନିକଟକୁ ଯିବ ଯିଏ ପୁସ୍ତକଧାରି ଅଟନ୍ତି ଯେତେବେଳେ ତୁମେ ସେମାନଙ୍କ ନିକଟରେ ପହଂଚିବ ସେତେବେଳେ ଏହି ବାର୍ତା ପ୍ରଦାନ କରିବ କି ଅଲ୍ଲାଃଙ୍କ ବ୍ୟତିତ ଆଉ କେହି ଉପାସ୍ୟ ନାହିଁ ଏବଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ତାଙ୍କର ବାର୍ତାବହ ଯଦି ସେମାନେ ତୁମର ଏହି କଥା ସ୍ୱୀକାର କରିନିଅନ୍ତି ତେବେ ତାଙ୍କୁ କହିବ ଯେ, ପ୍ରଭୁ ତାଙ୍କ ଉପରେ ପ୍ରତିଦିନ ପାଂଚବେଳା ନମାଜ ପାଠ କରିବା ଧାର୍ଯ୍ୟ କରିଛନ୍ତି ଯଦି ସେମାନେ ତୁମର ଏହି କଥା ସ୍ୱୀକାର କରିନିଅନ୍ତି ତେବେ ତାଙ୍କୁ କହିବ ଅଲ୍ଲାଃ ସେମାନଙ୍କ ଉପରେ ସଦ୍‌କା ଦେବା ଧାର୍ଯ୍ୟ କରିଛନ୍ତି ଯାହା ସେମାନଙ୍କର ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କଠାରୁ ସଂଗ୍ରହ କରି ଅଭାବି ଲୋକମାନଙ୍କ ମଧ୍ୟରେ ବଂଟନ କରିଦିଆଯିବ ଯଦି ସେମାନେ ତୁମର ଏକଥା ମଧ୍ୟ

ସ୍ୱୀକାର କରିନିଅନ୍ତି ତେବେ ତାଙ୍କୁ କହିବ ପ୍ରଭୁ କହିଛନ୍ତି ଅତ୍ୟାଚାରିତ ବ୍ୟକ୍ତିର ଅପଦୁଆରୁ ବର୍ତୀ ରୁହ କାରଣ ପ୍ରଭୁ ଓ ଅତ୍ୟାଚାରିତ ବ୍ୟକ୍ତି ମଧ୍ୟରେ କୌଣସି ପ୍ରତିବନ୍ଧକ ନାହିଁ ।

***(ସହି ବୁଖାରୀ.....ହଦିସ୍ ୪୩୪୭)***

ତାହାର ଆହ୍ ଅର୍ଥାତ ପ୍ରାର୍ଥନାକୁ ପ୍ରଭୁ ସ୍ୱୀକାର କରିନେଇଥାନ୍ତି । ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ କାଜି ଭାବରେ ମୁତୟନ କରି ୟମନ ପ୍ରେରଣ କରିଥିଲେ । ଆପଣ ସେମାନଙ୍କୁ କୋରାନ୍ ଓ ଇସ୍‌ଲାମ୍‌ର ନିତିଶିକ୍ଷା ପ୍ରଦାନ କରୁଥିଲେ ତଥା ସେମାନଙ୍କ ମଧ୍ୟରେ ନ୍ୟାୟାଧିଶ ହୋଇ ନିଷ୍ପତି କରୁଥିଲେ । ୟମନ୍ ର କର ଆଦାୟକାରିମାନେ ଯାହା କିଛି ଯକାତ୍ ଆଦାୟ କରୁଥିଲେ ତାହାକୁ ସେମାନେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ନିକଟକୁ ପ୍ରେରଣ କରିଦେଉଥିଲେ । ହଜୁର ସ:ଆ:ସ ୟମନର ବ୍ୟବସ୍ଥା ଦାୟିତ୍ୱ ତୁଲାଇବା ନିମନ୍ତେ ପାଂଚଜଣ ସାହାବା ହଜ୍‌ରତ୍ ଖାଲିଦ୍ ବିନ୍ ସଇଦ୍, ହଜ୍‌ରତ୍ ମୁହାଜିର୍ ବିନ୍ ଉମୈୟା, ହଜ୍‌ରତ୍ ଜିୟାଦ୍ ବିନ୍ ଲବିଦ୍, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଏବଂ ହଜ୍‌ରତ୍ ଅବୁମୁସା ଅଶ୍‌ଅରି ର:ଅଙ୍କୁ ମନୋନୀତ କରିଥିଲେ ।

***(ଅଲ୍‌ଇସ୍‌ତିୟାବ......ଖଣ୍ଡ-୩, ପୃ-୪୬୦.....ବେରୁତ ୨୦୧୦)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ଯେତେବେଳେ ମତେ ୟମନ ଆଡ଼କୁ ପ୍ରେରଣ କଲେ ସେତେବେଳେ ଉପଦେଶ ପୂର୍ବକ କହିଲେ, ପ୍ରତି ତିରିଶଟି ଗାଇରେ ଇସ୍‌ଲାମୀୟ ନୀତି ଅନୁଯାୟୀ ଯକାତ୍ ନେବାକୁ ହେଲେ ଗୋଟିଏ ଏକବର୍ଷୀୟ ଗାଇ ଆଦାୟ କରିବ ହଜୁର ସ:ଆ:ସ ଜକାତର ମାପ ବର୍ଣ୍ଣନା କରୁଥିଲେ ଏବଂ ପ୍ରତି ୪୦ ଗୋଟି ଗାଇରେ ଗୋଟିଏ ଦୁଇବର୍ଷୀୟ ଗାଇ ଧାର୍ଯ୍ୟ ଯକାତ୍ ରହିଛି । ପ୍ରତ୍ୟେକ ସାବାଳକଠାରୁ ଗୋଟିଏ ଦୀନାର ଅଥବା ତାହାର ମୂଲ୍ୟ ଅନୁଯାୟୀ ଗୋଟିଏ ସ୍ଥାନୀୟ ବସ୍ତ୍ର ସଂଗ୍ରହ କରିବ । ମୁଆଫିର୍ ନାମକ ଗୋଟିଏ ଗୋଷ୍ଠୀ ଥିଲା ଯିଏ ଏହି ବସ୍ତ୍ର ଅର୍ଥାତ ୟମନି ବସ୍ତ୍ର ପ୍ରସ୍ତୁତ କରୁଥିଲେ ତାଙ୍କ ନାମ ଅନୁଯାୟୀ ଉକ୍ତ ବସ୍ତ୍ରର ମଧ୍ୟ ସେହିପରି ନାମକରଣ ହୋଇଯାଇଥିଲା । ଏହା ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲର ବର୍ଣ୍ଣନା ଅଟେ ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ଖଣ୍ଡ-୭, ପୃ-୩୪୮ ମସ୍‌ନଦ୍ ମାଆଜ୍ ବିନ୍ ଜବଲ୍ ହଦିସ୍ ୨୨୩୬୩ ବେରୁତ ୧୯୯୮)***

***(ଲୁଗାତୁଲ୍ ହଦିସ୍ ଖଣ୍ଡ-୩, ପୃ-୧୪୨.....କରାଚି)***

ଅଲାମା ଇବ୍‌ନେ ସାଆଦ୍ କୁହନ୍ତି କି, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ଗୋଡ଼ରେ ଛୋଟାପଣ ଥିଲା ୟମନ୍‌ରେ ସେ ଲୋକମାନଙ୍କ ଇମାମତ୍ କରୁଥିଲେ ଅର୍ଥାତ ତାଙ୍କୁ ନମାଜ ପାଠ କରାଉଥିଲେ, ଏବଂ ନମାଜ ପାଠ କରିବା ସମୟରେ ସେ ନିଜ ଗୋଡ଼କୁ ଲମ୍ବା କରି ନମାଜ ପାଠ କରୁଥିଲେ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ତାଙ୍କୁ କହିଲେ, ତାଙ୍କୁ ଦେଖି ମୁକ୍‌ତଦିମାନେ ଅର୍ଥାତ ତାଙ୍କ ପଛରେ ନମାଜ ପାଠ କରୁଥିବା ୟମନ୍‌ର ଅଧିବାସୀମାନେ ମଧ୍ୟ ସେହିପରି ଅବିକଳ ଗୋଡ଼ ଲମ୍ବା କରି ନମାଜ ପାଠ କଲେ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ତାଙ୍କୁ କହିଲେ, ଆସନ୍ତାରେ ତୁମେ ଏପରି କରିବ ନାହିଁ କାରଣ ମତେ କଷ୍ଟ ହେଉଥିବା ଯୋଗୁଁ ଅଥବା ମୁଁ ଅସହାୟ ଥିବା ଯୋଗୁଁ ସଠିକ୍‌ରୂପେ ଯେଭଳି କି ସୁନ୍ନତ ରହିଛି ନମାଜ ପାଠ କରିବାର ଶୈଳୀ ରହିଛି, ସେହିଭଳି ପାଠ କରିପାରୁନାହିଁ ବରଂ ଗୋଡ଼ ଲମ୍ବା କରି ନମାଜ ପାଠ କରୁଅଛି ।

***(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୪୩୯.......ବେରୁତ ୧୯୯୦)***

ଯଦିଚ ତୁମେ ମୋର ଅନୁକରଣ କରିବାକୁ ଯାଇ ଏପରି କରୁଛ ଏବଂ ଆଜ୍ଞାବହତାର ନମୁନା ପ୍ରଦର୍ଶନ କରିବାକୁ ଯାଇ ଏପରି କରୁଛ ସେହି ଦୃଷ୍ଟି କୋଣରୁ ତାହା ତ ଠିକ୍ କିନ୍ତୁ ନମାଜ ପାଠ କରିବା ଶୈଳୀ ଏପରି ନୁହେଁ ଅର୍ଥାତ ସୁନ୍ନତ ଏପରି ନୁହେଁ । ମୋର ଅସୁବିଧା ଯୋଗୁଁ ମୁଁ ଏପରି ନମାଜ ପାଠ କରୁଅଛି ଏବଂ ଇଚ୍ଛା ଥିବା ସତ୍ୱେ ହଜୁର ସ:ଆ:ସଙ୍କ ପରି ନମାଜ ପାଠ କରିପାରୁନାହିଁ ।

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ୟମନ୍‌ର ବଇତୁଲ୍ ମାଲ୍ ଅର୍ଥରେ ବାଣିଜ୍ୟ କାରବାର କଲେ ଏବଂ ସେଥିରୁ ଯାହା ଲାଭ ହେଲା ସେଥିରେ ନିଜ କରଜ ପରିଶୋଧ କରିଦେଲେ । ଆପଣ ର:ଅ ପ୍ରଥମ ବ୍ୟକ୍ତି ଥିଲେ ଯିଏ ବଇତୁଲ୍ ମାଲ୍‌ର ରାଶିରେ ବ୍ୟବସାୟ କରିଥିଲେ ଏବଂ ଉପହାର ମଧ୍ୟ ଗ୍ରହଣ କରୁଥିଲେ । କାରଣ ହଜୁର ସ:ଆ:ସ ଆପଣଙ୍କୁ ଏହାର ଅନୁମତି ପ୍ରଦାନ କରିଥିଲେ ଏପରି କି ଆପଣଙ୍କ ନିକଟରେ ତିରିଶିଟି ଛେଳି ହୋଇଯାଇଥିଲା ଅର୍ଥାତ ତିରିଶିଟି ଛେଳିର ଆପଣ ମାଲିକ ହୋଇଯାଇଥିଲେ ।

***(ସିରସ୍ ସାହାବା ଖଣ୍ଡ-୩, ପୃ-୫୦୫...... କରାଚି)***

***(ଇସ୍‌ତିୟାବ....... ଖଣ୍ଡ-୩, ପୃ-୧୪୦୪.......ବେରୁତ ୧୯୯୨)***

ତାଙ୍କର ବ୍ୟବସାୟ ନିମନ୍ତେ ହଜୁର ସ:ଆ:ସ ଏହି ସୀମା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରିଥିଲେ ଯେ ସେ ଏହାଦ୍ୱାରା ନିଜ କରଜର ପରିଶୋଧ କରିନେବେ । ବ୍ୟବସାୟରୁ ଯାହା ଲାଭ ହେଉଥିଲା ସେଥିରୁ ସେ ନିଜ ପାରିଶ୍ରମିକ ଓ ପରାମର୍ଶ ଦେବା ଆକାରରେ ଯାହା ତାଙ୍କର ଭାଗ ହେଉଥିଲା ସେ ତାହା ହିଁ ନେଉଥିଲେ ଏବଂ ହଜୁର ସ:ଆ:ସ ମଧ୍ୟ ତାଙ୍କୁ ଏହାର ଅନୁମତି ପ୍ରଦାନ କରିଥିଲେ ।

ହଜୁର ସ:ଆ:ସଙ୍କ ବିୟୋଗ ପରେ ଯେତେବେଳେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ହଜ୍ ଯାତ୍ରା କରିବାକୁ ବାହାରିଲେ ସେତେବେଳେ ହଜ୍‌ରତ୍ ଉମର ର:ଅଙ୍କୁ ହଜ୍‌ରତ୍ ଅବୁବକର ର:ଅ ଅମୀର ମୁତୟନ କରି ପ୍ରେରଣ କରିଥିଲେ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ୟୋମୁତ୍ ରତଓ୍ୱିଆ ଦିନ ତାଙ୍କୁ ମିଳିଲେ । ଅର୍ଥାତ ହଜ୍‌ରତ୍ ଉମର ର:ଅଙ୍କ ସହିତ ସାକ୍ଷାତ କଲେ ଓ ତାଙ୍କୁ ପାଛୋଟି ନେଲେ, କୁଣ୍ଢାଇ ପକାଇଲେ । ଦୁହେଁ ହଜୁର ସ:ଆ:ସଙ୍କ ଦେହାନ୍ତର ଶୋକ ପ୍ରକାଶ କଲେ ଏବଂ ସାଥିରେ ବସି କଥା ହେଲେ ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୪୪୧.....ବେରୁତ ୧୯୯୦)***

ଆଉ ଏକ ଇତିହାସ ପୁସ୍ତକ ଅଲ୍ ଇସ୍ତିୟାବରେ ଲେଖା ରହିଛି କି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଜଣେ ବଦାନ୍ୟ ବ୍ୟକ୍ତି ଥିଲେ ମୁକ୍ତ ହସ୍ତରେ ଖର୍ଚ୍ଚ କରିବା ତାଙ୍କର ସ୍ୱଭାବ ତାଙ୍କୁ ଏପରି ଅବସ୍ଥାକୁ ଆଣିଦେଲା କି ତାଙ୍କର ସମସ୍ତ ସମ୍ପତି ଶେଷ ହୋଇଗଲା ଅତଏବ ସେ ହଜୁର ସ:ଆ:ସଙ୍କ ସେବାରେ ହାଜର ହୋଇ ନିବେଦନ କଲେ କି ହଜୁର କରଜଦାତାଙ୍କୁ କୁହନ୍ତୁ କି ସେ ମୋ ଉପରେ ଥିବା କରଜ ମତେ କ୍ଷମା କରିଦିଅନ୍ତୁ । ଏହା ଭିନ୍ନ ଶୈଳୀରେ ଏଠାରେ ବର୍ଣ୍ଣିତ ରହିଛି ଅର୍ଥାତ ପୂର୍ବେ ଯାହା ବର୍ଣ୍ଣନା ହେଲା ତାହା ତୁଳନାରେ ଏଠାରେ ଭିନ୍ନ ଶୈଳୀରେ ବର୍ଣ୍ଣିତ ରହିଛି ସମାନ କଥା କିନ୍ତୁ କରଜଦାତାମାନେ ନିଜ ରାଶି କ୍ଷମା କରିବାକୁ ଅମଙ୍ଗ ହେଲେ ଓ ସଫାସଫା ମନା କରିଦେଲେ । ହଜୁର ସ:ଆ:ସଙ୍କ ଏଭଳି ସମ୍ମାନ ଓ ମର୍ଯ୍ୟାଦା ଲୋକମାନଙ୍କ ମଧ୍ୟରେ ବସା ବାନ୍ଧିଥିଲା କି ସେମାନେ ହଜୁର ସ:ଆ:ସଙ୍କ କହିବାମାତ୍ରେ ଆପଣଙ୍କ କଥାରେ ରାଜି ହୋଇଯାଉଥିଲେ ଏବଂ ଆପଣଙ୍କ କଥାରେ ଅର୍ଥଦାନ କରିବାକୁ ପରସ୍ପରଠାରୁ ବଳି ଆଗକୁ ବଢ଼ିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ପ୍ରସଙ୍ଗରେ ହଜୁର ସ:ଆ:ସଙ୍କ କହିବାରେ କିଛି ଲୋକ ତାଙ୍କ କରଜ କ୍ଷମା କରିବାକୁ ରାଜି ହେବା ସ୍ଥଳେ ଆଉ କିଛି ଲୋକ ଅରାଜି ହୋଇଥିଲେ । ଅତଏବ ଲୋକମାନଙ୍କୁ ସେମାନଙ୍କ କରଜ ଅର୍ଥରାଶି ଫେରସ୍ତ କରିବା ନିମନ୍ତେ ହଜୁର ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ସମସ୍ତ ସମ୍ପତି ବିକ୍ରି କରିଦେଲେ ଏବଂ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ହାତ ଖାଲି ହୋଇଗଲା । ପୁନଶ୍ଚ ମକ୍କା ବିଜୟ ବର୍ଷ ହଜୁର ସ:ଆ:ସ ତାଙ୍କୁ ୟମନର ଗୋଟିଏ ଭାଗରେ ଅମୀର ମନୋନୀତ କରି ପ୍ରେରଣ କଲେ । ଏଠାରେ କଥା ସ୍ପଷ୍ଟ ହୋଇଯାଇଛି ଯେ ଜଣେ ଅମୀରକୁ ଯେଉଁ ଉପହାର ମିଳେ ତାହା ସେତେବେଳେ ବୟତୁଲ୍ ମାଲ୍‌ର ସମ୍ପତି ରୂପେ ମନେ କରାଯାଇଥାଏ । ଆପଣ ର:ଅ ପ୍ରଥମ ବ୍ୟକ୍ତି ଥିଲେ ଯିଏ ବଇତୁଲ୍ ମାଲ୍‌ର ରାଶିରେ ବ୍ୟବସାୟ ଆରମ୍ଭ କରିଥିଲେ ସେ ସେଠାରେ ଥିବା ସମୟରେ ହଜୁର ସ:ଆ:ସଙ୍କ ଦେହାନ୍ତ ହେଲା ଏହି ଅବସରରେ ବ୍ୟବସାୟରେ ଯେଭଳି ଲାଭ ହେଲା ସେଥିରୁ ସେ ନିଜ ଭାଗ ନେଇଥିଲେ ଏପରି କି ତାଙ୍କ ସୁଖ ସ୍ୱଚ୍ଛନ୍ଦର ଦିନ ଫେରି ଆସିଲା ଯେତେବେଳେ ସେ ପ୍ରତ୍ୟାବର୍ତନ କଲେ ଅର୍ଥାତ ୟମନରୁ ଫେରି ଆସିଲେ । ହଜ୍‌ରତ୍ ଉମର୍ ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ, ତାଙ୍କୁ ଡ଼ାକିଆଣନ୍ତୁ କାରଣ ତାଙ୍କର କରଜ ପରିଶୋଧ ହୋଇଯାଇଛି ଯେଉଁଥିପାଇଁ ହଜୁର ସ:ଆ:ସ ତାଙ୍କୁ ଅନୁମତି ପ୍ରଦାନ କରିଥିଲେ ତାହା ପୁରଣ ହୋଇଯାଇଛି ଏବଂ ବର୍ତମାନ ତାଙ୍କ ଅବସ୍ଥା ମଧ୍ୟ ବେଶ୍ ସ୍ୱଚ୍ଛଳ ହୋଇଯାଇଛି ତେଣୁ ବାକି ରାଶି ତାଙ୍କଠାରୁ ଆଦାୟ କରିନିଅନ୍ତୁ । କିନ୍ତୁ ହଜ୍‌ରତ୍ ଅବୁବକର ର:ଅ ଏକଥା ପସନ୍ଦ କଲେନାହିଁ କି ଯାହାକୁ ହଜୁର ସ:ଆ:ସ କୌଣସି କଥାର ଅନୁମତି ପ୍ରଦାନ କରିଛନ୍ତି ତାହା ବିପରୀତ କୌଣସି ନିଷ୍ପତି ସେ କରିବେ ନାହିଁ । ଅତଏବ ହଜ୍‌ରତ୍ ଅବୁବକର ର:ଅ କହିଲେ, ହଜୁର ସ:ଆ:ସ ତାଙ୍କୁ ସେଠାକୁ ପ୍ରେରଣ କରିଥିଲେ ତେଣୁ ମୁଁ ତାଙ୍କଠାରୁ କିଛି ହେଲେ ଆଦାୟ କରିବିନାହିଁ ଯେପର୍ଯ୍ୟନ୍ତ କି ସେ ସ୍ୱୟମ ସ୍ୱହସ୍ତରେ କିଛି ଦେଇନାହାନ୍ତି ଅର୍ଥାତ ନିଜ ତରଫରୁ ଦେଇନାହାନ୍ତି ସେ ପର୍ଯ୍ୟନ୍ତ ମୁଁ ତାଙ୍କୁ କିଛି କହିବିନାହିଁ । ହଜ୍‌ରତ୍ ଉମର ର:ଅ ଇସ୍‌ଲାମୀୟ ନିୟମର ଦୃଢ଼ ପାଳନକାରୀ ଥିଲେ, ତେଣୁ ସେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ନିକଟକୁ ଗଲେ ଏବଂ କହିଲେ, ହଜୁର ସ:ଆ:ସ ତୁମକୁ ୟମନ ଏଥି ନିମନ୍ତେ ପ୍ରେରଣ କରିଥିଲେ କି ତୁମେ ନିଜ ଆବଶ୍ୟକତା ପୂରଣ କରିବ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ଜୀବନଯାପନ ବେଶ୍ ସୁଖମୟ ଥିଲା କିନ୍ତୁ ତାହା ମାତ୍ର କିଛି ଦିନର ଅତିଥି ସ୍ୱରୁପ ଥିଲା କାରଣ ସେ ନିଜର ଅଧିକାଂଶ ଧନସମ୍ପତି ଲୋକମାନଙ୍କ ମଧ୍ୟରେ ବାଂଟି ଦେଉଥିଲେ ଆଗକୁ ଏପରି ବର୍ଣ୍ଣନା ଆସିବ ଯେଉଁଥିରୁ ପ୍ରମାଣ ଓ ସ୍ପଷ୍ଟ ହୋଇଯିବ ଯେ ସେ ସବୁକିଛି ଲୋକମାନଙ୍କ ମଧ୍ୟରେ ବାଂଟି ଦେଉଥିଲେ । ହଜ୍‌ରତ୍ ଉମର ର:ଅଙ୍କ ପ୍ରସ୍ତାବରେ ତ ସେ ପ୍ରଥମେ ରାଜି ହେଲେନାହିଁ ଅର୍ଥାତ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ତାଙ୍କୁ କହିଲେ ମୁଁ କିଛି ଦେଇପାରିବି ନାହିଁ କିନ୍ତୁ କିଛି ସମୟ ପରେ ସେ ହଜ୍‌ରତ୍ ଉମର ର:ଅଙ୍କ ନିକଟକୁ ଆସିଲେ ଏବଂ କହିଲେ, ମୁଁ ଆପଣଙ୍କ ପ୍ରସ୍ତାବରେ ରାଜି ଏବଂ ଆପଣ ଯେମିତି କହିବେ ମୁଁ ସେହିପରି କରିବାକୁ ପ୍ରସ୍ତୁତ ଅଛି କାରଣ ମୁଁ ସ୍ୱପ୍ନରେ ଦେଖିଲି ଯେ ମୁଁ ପାଣିରେ ବୁଡ଼ି ଯାଉଛି ଏବଂ ଆପଣ ମତେ ସେଥିରୁ ଉଦ୍ଧାର କରୁଛନ୍ତି ଏହି ସ୍ୱପ୍ନ ଉକ୍ତ ଘଟଣାର କିଛି ସମୟ ପୂର୍ବର ଅଟେ । ଏହା ପରେ ହଜରତ ଅବୁବକର ର:ଅଙ୍କ ସେବାରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଉପସ୍ଥିତ ହେଲେ ଏବଂ ସମସ୍ତ ଘଟଣାର ବୃତାନ୍ତ କରି ଶପଥ କଲେ ଯେ, ଆପଣଙ୍କ ନିକଟରେ କୌଣସି କଥା ଗୋପନ ରଖିବି ନାହିଁ । ମୁଁ ଯାହା ବ୍ୟବସାୟରେ ଲାଭ କରିଛି ଏବଂ ଯେତେ ଅଂଶ ନେଇଛି ତାହା ଆପଣଙ୍କୁ ସଠିକ୍ ରୂପେ ଜଣାଉଅଛି । ହଜ୍‌ରତ୍ ଅବୁବକର ର:ଅ କହିଲେ, ଆପଣ ସବୁକଥା କହିଦେଲେ ତାହା ଠିକ୍ କିନ୍ତୁ ମୁଁ ଆପଣଙ୍କଠାରୁ କିଛି ବି ଗ୍ରହଣ କରିବିନାହିଁ । ଉପସ୍ଥିତ ଖଲିଫାଙ୍କ ଏହି ଉକ୍ତି ଶୁଣିବା ପରେ ହଜ୍‌ରତ୍ ଉମର୍ ର:ଅ ପୂର୍ଣ୍ଣ ଆଜ୍ଞାବହତାର ସହ ଏହି କଥାକୁ ସ୍ୱୀକାର କରିନେଲେ

ଅର୍ଥାତ ହଜ୍‌ରତ୍ ଅବୁବକର ର:ଅଙ୍କ କଥାକୁ ସ୍ୱୀକାର କରିନେଲେ ।

***(ଅଲ୍‌ଇସ୍ତିୟାବ......ଖଣ୍ଡ-୩, ପୃ-୪୬୧.....ବେରୁତ ୨୦୧୦)***

ପ୍ରଥମେ ହଜ୍‌ରତ୍ ଉମର ର:ଅ ଏକଥା ପ୍ରତି ଜୋର୍ ଦେଉଥିଲେ କି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କଠାରୁ ତାଙ୍କ ନିକଟରେ ଥିବା ଅଧିକ ରାଶି ଆଦାୟ କରାଯାଉ କିନ୍ତୁ ଉପସ୍ଥିତ ଖଲିଫାଙ୍କ ସ୍ପଷ୍ଟ ଉକ୍ତି ପରେ ସେ ନୀରବ ହୋଇଗଲେ ଏବଂ ଠିକ୍ ଅଛି ଏଠାରେ ଅଧିକ ସ୍ପଷ୍ଟ ହୋଇଗଲା ଯେ, ଅଲ୍ଲାଃ ତାଲା ଯେପର୍ଯ୍ୟନ୍ତ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ଆବଶ୍ୟକତା ପୂରଣ ହେଲାନାହିଁ ସେ ପର୍ଯ୍ୟନ୍ତ ତାଙ୍କ ଧ୍ୟାନ ଏଥପ୍ରତି କେନ୍ଦ୍ରିଭୁତ କରିନଥିଲେ ଆଉ ଯେତେବେଳେ ତାଙ୍କ କରଜ ପରିଶୋଧ ହୋଇଗଲା ଏବଂ ତାଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟର ଦିନ ଫେରିଆସିଲା ସେତେବେଳେ ସ୍ୱପ୍ନାଦେଶ ଦ୍ୱାରା ସ୍ୱୟମଂ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ଦର୍ଶାଇ ଦେଲେ ଯେ ବର୍ତମାନ ନିଜ ସମ୍ପତି ଉପରେ ନିଜ ଭରଣ ପୋଷଣ କର ବର୍ତମାନ ତୁମେ ଅମୀର ରୂପେ ଯେଉଁ ଉପହାର ଗ୍ରହଣ କରିନେଉଥିଲ ତାହା ତୁମେ ବଇତୁଲ୍ ମାଲ୍‌ରେ ପଇଠ କରିଦିଅ ।

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ବର୍ଣ୍ଣନା କରନ୍ତି, ଯେତେବେଳେ ହଜୁର ସ:ଆ:ସ ତାଙ୍କୁ ୟମନ ଆଡ଼କୁ ପ୍ରେରଣ କଲେ ସେତେବେଳେ କହିଲେ ଯଦି ତୁମେ କୌଣସି ସମସ୍ୟାର ସମ୍ମୁଖିନ ହୁଅ ତେବେ ତୁମେ କିପରି ନିଷ୍ପତି ନେବ ? ପ୍ରତି ଉତରରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ କହିଲେ, ମୁଁ ଅଲ୍ଲାଃ ତାଲାଙ୍କ ପୁସ୍ତକ ଅନୁଯାୟୀ ନିଷ୍ପତି ନେବି ହଜୁର ସ:ଆ:ସ କହିଲେ ଯଦି ତୁମକୁ ଅଲ୍ଲାଃ ତାଲାଙ୍କ ପୁସ୍ତକରେ କୌଣସି ସମସ୍ୟାର ସମାଧାନ ନ ମିଳେ ତେବେ କଣ କରିବ ? ସେ କହିଲେ ମୁଁ ଆପଣଙ୍କ ସୁନ୍ନତ ଅନୁଯାୟୀ ନିଷ୍ପତି ନେବି । ହଜୁର ସ:ଆ:ସ କହିଲେ ଯଦି ମୋ ସୁନ୍ନତରେ କୌଣସି ସମସ୍ୟାର ସମାଧାନ ନ ମିଳେ ତେବେ ତୁମେ କଣ କରିବ ? ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଉତର ଦେଲେ ତାହେଲେ ମୁଁ ଇଜ୍‌ତେହାଦ୍ ଅର୍ଥାତ ମୋ ବୁଦ୍ଧି ଓ ପ୍ରଚେଷ୍ଟା ଅନୁଯାୟୀ ନିଷ୍ପତି ନେବି ଏବଂ ମୁଁ ସେଥିରେ ଆଦୌ କୌଣସି ହେଳା କରିବି ନାହିଁ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ କହିଲେ, ଏହାପରେ ହଜୁର ସ:ଆ:ସ ମୋ ଛାତି ଉପରେ ହାତ ମାରିଲେ ଏବଂ କହିଲେ ସକଳ ପ୍ରଶଂସା ଅଲ୍ଲାଃ ତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଅଲ୍ଲାଃ ତାଲାଙ୍କ ରସୁଲ୍‌ଙ୍କ ସନ୍ଦେଶବାହକଙ୍କୁ ଏପରି କଥା କହିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଯାହା ଅଲ୍ଲାଃ ତାଲାଙ୍କ ରସୁଲ୍‌ଙ୍କ ପ୍ରସନ୍ନତାର କାରଣ ହେଲା । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ମସ୍‌ନଦ୍ ଅହ୍‌ମଦ୍ ବିନ୍ ଜବଲ ଖଣ୍ଡ-୭, ପୃ-୩୪୭.... ହଦିସ୍- ୨୨୩୫୭..... ବେରୁତ ୧୯୯୮)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ:ଆ:ସ ମତେ ୟମନ ପ୍ରେରଣ କଲେ ସେତେବେଳେ ମତେ ଉପଦେଶ ମୂଳକ କହିଲେ, ଭୋଗବିଳାଶପୂର୍ଣ୍ଣ ଜୀବନ ଅତିବାହିତ କରିବାରୁ ବର୍ତି ରହିବ କାରଣ ପ୍ରଭୁଙ୍କ ପ୍ରୀୟଜନମାନେ ଏପରି ଭୋଗବିଳାଶ ପୂର୍ଣ୍ଣ ଜୀବନ ଅତିବାହିତ କରିବାକୁ ପସନ୍ଦ କରିନଥାନ୍ତି ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ମସ୍‌ନଦ୍ ଅହ୍‌ମଦ୍ ବିନ୍ ଜବଲ ଖଣ୍ଡ-୭, ପୃ-୩୭୫......ହଦିସ୍- ୨୨୪୫୬..... ବେରୁତ ୧୯୯୮)***

ଏଥିରୁ ଏକଥା ମଧ୍ୟ ସ୍ପଷ୍ଟ ହୋଇଗଲା ଯେ ଯେଉଁ ଉପହାର ଓ ବ୍ୟବସାୟର ଲାଭାଂଶ ଥିଲା ତାହାକୁ କେବଳ ସେ କରଜ ପରିଶୋଧ କରିବା ଉଦ୍ଦେଶ୍ୟରେ ଗ୍ରହଣ କରୁଥିଲେ ତାଙ୍କ ହସ୍ତ ଅଭାବି ଓ ଗରିବ ଲୋକମାନଙ୍କ ପାଇଁ ସର୍ବଦା ଉନ୍ମୁକ୍ତ ରହୁଥିଲା । ତଥାପି ହଜୁର ସ:ଆ:ସ ତାଙ୍କୁ ଏଭଳି ଉପଦେଶ ଦେଉଥିଲେ ଯଦି ଅନୁମତି ଦେଇଥିଲେ ଅର୍ଥାତ ହଜୁର ସ:ଆ:ସ ତାଙ୍କୁ ଅନୁମତି ଦେଇଥିଲେ କି ଉପହାର ଗ୍ରହଣ କରିବ ତେବେ ତାହା କେବଳ ତାଙ୍କ ଆବଶ୍ୟକତା ପୂରଣ କରିବାପାଇଁ ଥିଲା ତାଙ୍କ କରଜ ପରିଶୋଧ କରିବାପାଇଁ ଥିଲା । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ କୁହନ୍ତି, ୟମନ ଅଭିମୁଖେ ଯାତ୍ରା ସମୟରେ ଯେତେବେଳେ ମୁଁ ବାହନ ଉପରେ ବସିଲି ସେତେବେଳେ ହଜୁର ସ:ଆ:ସ ମତେ ଶେଷ ଉପଦେଶ ଦେଲେ, ଲୋକମାନଙ୍କ ସହ ଉତମ ଆଚରଣ ପ୍ରଦର୍ଶନ କରିବ ଲୋକମାନଙ୍କ ସହ ଉତମ ଆଚରଣ ପ୍ରଦର୍ଶନ କରିବ ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୪୩୯......ବେରୁତ ଲେବ୍‌ନାନ୍ ୧୯୯୦)***

ଆଜିକାଲି ମୁସଲମାନମାନଙ୍କ ଅବସ୍ଥା ଦେଖ କଣ ସେମାନେ ସେଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି । ସିରତୁଲ୍ ନବୀ ଓ ମିଲାଦୁନ୍ ନବୀ ପାଳନ କରୁଛନ୍ତି ଆପଣଙ୍କ ଶିକ୍ଷା ଓ ହିତ ଉପଦେଶର ଅନୁକରଣ କରୁଛନ୍ତି ନା ନାହିଁ ।

ଯେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ୟମନର ହାକିମ କରି ପ୍ରେରଣ କଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସପକ୍ଷରେ ଏକଥା କହିଲେ: **ଇନ୍ନି ବାଅସ୍‌ତୁ ଲକୁମ୍ ଖୈରା ଅହ୍‌ଲି** ଅର୍ଥାତ ମୁଁ ନିଜ ମାନ୍ୟକାରୀଙ୍କ ମଧ୍ୟରୁ ଉତମ ବ୍ୟକ୍ତିଙ୍କୁ ତୁମ ନିକଟକୁ ପ୍ରେରଣ କରୁଅଛି ।

***(ସିରସ୍ ସାହାବା ଖଣ୍ଡ-୩, ପୃ-୫୦୨...... କରାଚି)***

ଇବ୍‌ନେ ଅବୁ ନଜିହ୍ ବର୍ଣ୍ଣନା କରୁଛନ୍ତି ଯେ, ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ୟମନ ବାସୀଙ୍କ ଆଡ଼କୁ ପଦାଧିକାରୀ ରୂପେ ନୁଯୁକ୍ତ କରି ପ୍ରେରଣ କରିଥିଲେ ଏବଂ କହିଲେ ଯେ, ନିଃସନ୍ଦେହ ମୁଁ ତୁମମାନଙ୍କ ଲାଗି ନିଜ ଲୋକମାନଙ୍କ ମଧ୍ୟରୁ ସର୍ବତୋମ ଜ୍ଞାନୀ ତଥା ବିଦ୍ୱାନ ବ୍ୟକ୍ତିଙ୍କୁ ପଦାଧିକାରୀ ରୂପେ ନିଯୁକ୍ତ କରି ପ୍ରେରଣ କରୁଅଛି ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୪୩୮-୪୩୯.....ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ମତେ ଦଶଟି କଥା ପାଳନ କରିବାକୁ ଆଦେଶ ଦେଇଥିଲେ ତାହା ଏହି କି ଯେ, ତୁମେ ଅଲ୍ଲାଃ ତାଲାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କରିବନାହିଁ । ଯଦି ତୁମକୁ ଏଥିପାଇଁ ମାରି ଦିଆଯାଉ ବା ତୁମକୁ ଜାଳି ଦିଆଯାଉ । ନିଜ ମାଆବାପାଙ୍କର କେବେବି ଅବଜ୍ଞା କରିବ ନାହିଁ । ସେମାନେ ତୁମକୁ ସେମାନଙ୍କ ସମ୍ପତିରୁ ତଥା ଘରବାଡ଼ିରୁ ବଂଚିତ କରିଦିଅନ୍ତୁ ପଛେ ତଥାପି ପଛଘୁଂଚା ଦେବନାହିଁ ପ୍ରଭୁଙ୍କ ସମକକ୍ଷ କରିବନାହିଁ । ଫର୍ଜ ନମାଜକୁ ଜାଣିଶୁଣି ତ୍ୟାଗ କରିବନାହିଁ କାରଣ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କର ଫର୍ଜ ନମାଜକୁ ଜାଣିଶୁଣି ଛାଡ଼ିଦିଏ ବା ଅବହେଳା ପ୍ରଦର୍ଶନ କରେ ସେହି ବ୍ୟକ୍ତି ଅଲ୍ଲାଃ ତାଲାଙ୍କର ସୁରକ୍ଷାବଳୟରୁ ବାହାରକୁ ବାହାରି ଯାଇଥାଏ । ମଦ୍ୟପାନ କରିବନାହିଁ କାରଣ ମଦ୍ୟପାନ ସମସ୍ତ ନିର୍ଲଜ୍ଜତାର ମୂଳ କାରଣ ଅଟେ । ପାପ ଓ ଅବଜ୍ଞାରୁ ସର୍ବଦା ନିଜକୁ ଦୁରେଇ ରଖିବ କାରଣ ପାପ ଦ୍ୱାରା ଅଲ୍ଲାଃ ତାଲାଙ୍କର ଅପ୍ରସନ୍ନତା ଅବତୀର୍ଣ୍ଣ ହୋଇଥାଏ । ଶତ୍ରୁମାନଙ୍କ ସହିତ ମୁହାଁମୁହିଁ ହେଲେ ପଛଘୁଂଚା ଦେବନାହିଁ, ପଳାୟନ କରିବନାହିଁ, ପିଠି ଦେଖାଇବନାହିଁ । ଯଦି ଲୋକମାନେ ପ୍ଲେଗ ଭଳି ମହାମାରୀ ରୋଗରେ ଆକ୍ରାନ୍ତ ହୁଅନ୍ତି ତେବେ ତୁମେ ସେମାନଙ୍କ ମଧ୍ୟରେ ବିରାଜମାନ ରହିବ ସେହି ସ୍ଥାନରୁ ସ୍ଥାନାନ୍ତରିତ ହେବନାହିଁ । ନିଜର ପରିବାର ଉପରେ ନିଜର ସାମର୍ଥ୍ୟ ଅନୁଯାୟୀ ହିଁ ବ୍ୟୟ କରିବ । ସେମାନଙ୍କର କର୍ତବ୍ୟ ସମ୍ପାଦନ କରିବ ତଥା ସେମାନଙ୍କୁ ଆକଟ ତଥା ସଂସ୍କାରି ରୂପେ ଗଢ଼ିତୋଳିବାପାଇଁ ପ୍ରୟାସ କରିବ ଏଥିରେ ଅବହେଳା ପ୍ରଦର୍ଶନ କରିବନାହିଁ । ସେମାନଙ୍କୁ ସର୍ବଦା ଅଲ୍ଲାଃ ତାଲାଙ୍କୁ ଭୟ କରିବାପ୍ରତି ସଚେତନ କରାଉଥିବ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ମସ୍‌ନଦ୍ ଅହ୍‌ମଦ୍ ବିନ୍ ଜବଲ ଖଣ୍ଡ-୭, ପୃ-୩୬୬.... ହଦିସ୍- ୨୨୪୨୫..... ବେରୁତ ୧୯୯୮)***

ହଜ୍‌ରତ୍ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରନ୍ତି, ନବୀ କରିମ୍ ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ କହିଲେ, ହେ ମୁଆଜ୍ ! ମୁଁ ତୁମକୁ ଦୟାଳୁ ଭାଇ ପରି ଉପଦେଶ ଦେଉଛି କାରଣ ତୁମେ ଯେପରି ଅଲ୍ଲାଃ ତାଲାଙ୍କର ଧର୍ମପରାୟଣତାକୁ ଅବଲମ୍ବନ କର ରୋଗି ପ୍ରଦର୍ଶନ କର ଅର୍ଥାତ ରୋଗୀର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝି ତାଙ୍କର ଇୟାଦତ୍ କରିବ, ବିଧବା ଓ ଅଭାବି ଲୋକମାନଙ୍କର ଆବଶ୍ୟକତାକୁ ପରିପୂରଣ କରିବାକୁ ଚେଷ୍ଟା କରିବ, ଦରିଦ୍ରମାନଙ୍କ ସହିତ ଉଠାବସା ଏବଂ ତାଙ୍କ ସହ ଉତମ ଆଚରଣ ପ୍ରଦର୍ଶନ କରିବ, ଲୋକମାନଙ୍କୁ ନିଜ ପକ୍ଷରୁ ନ୍ୟାୟ ପ୍ରଦାନ କରିବ । ସେମାନଙ୍କର ଅଧିକାର ଲାଗି ସ୍ୱର ଉତଳନ କରିବ । ଅଲ୍ଲାଃ ତାଲାଙ୍କ ପ୍ରସଙ୍ଗରେ କୌଣସି ନିନ୍ଦୁକ ବ୍ୟକ୍ତିର ନିନ୍ଦା ତୁମ ଆଗରେ ପ୍ରତିବନ୍ଧ ଯେପରି ନ ହେବ । ମୁଁ ତୁମକୁ ଏହି ସବୁ କଥାର ପାଳନ କରିବା ପ୍ରତି ଅନୁପ୍ରାଣିତ କରୁଅଛି । ***(କନଜୁଲ୍ ଆମାଲ୍ ଖଣ୍ଡ-୧୫, ପୃ-୯୦୩, ହଦିସ୍- ୪୩୫୫୫....ବେରୁତ ୧୯୮୫)***

ହଜ୍‌ରତ୍ ଉମର୍ ର:ଅ ଏକଦା ନିଜ ସାଥିମାନଙ୍କୁ କହିଲେ: କୌଣସି ଜିନିଷର ଇଚ୍ଛା କର । କିଏ କହିଲେ ମୋର ଇଚ୍ଛା ଯେ ଏ ଘର ସୁନାରେ ଭରିଯାଉ ଏବଂ ମୁଁ ସେ ସବୁକୁ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବି । ଆଉ ଜଣେ କହିଲେ ଏ ଘର ହୀରାଲୀଳାରେ ଭରି ଯାଉ ଏବଂ ମୁଁ ଏସବୁ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ କରିବି । ହଜ୍‌ରତ୍ ଉମରଙ୍କ ବାରମ୍ବାର ଏପରି କହିବାରେ ସାହାବାମାନେ କହିଲେ ଆମେ ବୁଝିପାରୁନାହୁଁ କି ଆମେ କଣ ଇଚ୍ଛା କରିବୁ । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ମୋର ଏ ଇଚ୍ଛା ଯେ ଏ ଘର ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜର୍‌ରାହ୍, ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ , ସାଲିମ୍ ମୌଲା ଅବୁ ହୁବୈଦାଃ ଏବଂ ହଜ୍‌ରତ୍ ହୁଜୈଫା ବିନ୍ ୟମାନ୍ ର:ଅଙ୍କ ପରି ଲୋକମାନଙ୍କ ଦ୍ୱାରା ଭରିଯାଉ ।

***(ମୁସ୍ତଦ୍‌ରିକ୍ ଖଣ୍ଡ-୩, ପୃ-୨୫୨ ହଦିସ୍-୫୦୦୫....ବେରୁତ ୨୦୦୨)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ୟମନ ଦେଶରେ ନଅ ହିଜ୍‌ରୀରୁ ୧୧ ହିଜ୍‌ରୀ ପର୍ଯ୍ୟନ୍ତ ପ୍ରାୟ ଦୁଇବର୍ଷକାଳ ଅବସ୍ଥାନ କରିଥିଲେ ।

***(ସିରସ୍ ସାହାବା ଖଣ୍ଡ-୩, ପୃ-୫୦୫...... କରାଚି)***

ଏକଦା ହଜ୍‌ରତ୍ ଉମର୍ ର:ଅ ଏକ ଥଳିରେ ଚାରିଶହ ଦିନାର ରଖି ନିଜ ଦାସଙ୍କୁ ଦେଇ କହିଲେ, ଯାକୁ ନେଇ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ୍ ର:ଅଙ୍କୁ ଦେଇ ଆସ ଏବଂ ତାଙ୍କ ନିକଟରେ କିଛି କ୍ଷଣ ରହିଯିବ କି ସେ ଏହି ରାଶିର କିଭଳି ଉପଯୋଗ କରୁଛନ୍ତି ଏହି ଘଟଣା ଗତ ଖୁତ୍‌ବାରେ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କ ଜୀବନୀଚର୍ଚ୍ଚାରେ ଆଲୋଚନା ହୋଇସାରିଛି କିନ୍ତୁ ତାହାର ବାକି ଅଂଶ ରହିଯାଇଥିଲା ଯାହା ବର୍ତମାନ ମୁଁ ଆଲୋଚନ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ’’

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

କରିବି । ତେବେ ଦାସଜଣକ ଥଳି ନେଇ ତାଙ୍କ ଘରେ ପହଂଚିଲା ଏବଂ କହିଲା କି ଅମୀରୁଲ୍ ମୁମିନିନ୍ ଆପଣଙ୍କ ପାଇଁ ଏ ଅର୍ଥ ଦେଇଛନ୍ତି ଆପଣ ଯେମିତି ଇଚ୍ଛା ଖର୍ଚ୍ଚ କରନ୍ତୁ ସେ ତାହା ତାଙ୍କଠାରୁ ନେଇ ନିଜ ଦାସିକୁ ଡ଼ାକି କହିଲେ, ଏହି ସାତଦିନାର ଅମୁକ ବ୍ୟକ୍ତିକୁ ଦେଇଆସ ଏବଂ ଏହି ପାଂଚ ଦିନାର ଅମୁକ ବ୍ୟକ୍ତିକୁ ଦେଇଆସ ଏପରି ସମସ୍ତ ଅର୍ଥ ଶେଷ ହୋଇଗଲା । ସେଠାରୁ ସଂପୃକ୍ତ ଦାସଜଣକ ଫେରି ଆସି ହଜ୍‌ରତ୍ ଉମର ର:ଅଙ୍କୁ ସମସ୍ତ ଘଟଣାର ବୃତାନ୍ତ କଲେ ଓ ସୁଚିତ କଲେ, ହଜ୍‌ରତ୍ ଉମର ର:ଅ ସମାନ୍ ପରିମାଣର ରାଶି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ନିକଟକୁ ମଧ୍ୟ ପ୍ରେରଣ କଲେ ଯାହା ସେ ଅନ୍ୟ ଏକ ଥଳୀରେ ବାନ୍ଧି ରଖିଥିଲେ ଏବଂ ଦାସକୁ ସେହି ସମାନ କଥା କହିଲେ, କି ଦେଖିବ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଏହି ଅର୍ଥର କିଭଳି ବ୍ୟବହାର କରୁଛନ୍ତି । ଅର୍ଥାତ କିଛି କ୍ଷଣ ସେଠାରେ ଅର୍ଥାତ ତାଙ୍କ ନିକଟରେ ରହିବ ଓ ଦେଖିବ କି ସେ ଏହାର କିଭଳି ଖର୍ଚ୍ଚ କରୁଛନ୍ତି । ଅତଏବ ଦାସଜଣକ ଯାଇ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ କହିଲେ, ଅମୀରୁଲ୍ ମୁମିନିନ୍ ଏହା ଆପଣଙ୍କ ପାଇଁ ଦେଇଛନ୍ତି କି ଏହାକୁ ନିଜର ଆବଶ୍ୟକତା ଅନୁଯାୟୀ ବ୍ୟବହାର କରନ୍ତୁ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ କହିଲେ, ଅମୀରୁଲ୍ ମୁମିନିନଙ୍କ ଉପରେ ଅଲ୍ଲାଃ ତାଲାଙ୍କର ଦୟା ଅବତୀର୍ଣ୍ଣ ହେଉ । ଏହାପରେ ସେ ନିଜର ଦାସୀଙ୍କୁ ଡ଼ାକିଲେ ଏବଂ କହିଲେ, ଏତିକି ଦୀନାର୍ ଅମୁକ ଘରକୁ ଦେଇଦେବ ଓ ଏତିକି ଅମୁକ ଘରକୁ ନେଇଯାଅ । ଏତିକିବେଳେ ହଜ୍‌ରତ୍ ମୁଆଜ୍ ର:ଅଙ୍କ ପତ୍ନୀ ମଧ୍ୟ ଆସିଗଲେ ଏବଂ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆମେ ମଧ୍ୟ ଗରୀବ ଆମ ଘରେ ଗଣ୍ଡେ ଖାଇବାକୁ ନାହିଁ । ଘର ପାଇଁ ତ କିଛି ରଖିଦିଅ ଏହା ହେଉଛି ସେହି କଥା ଯାହାକି ପୂର୍ବେ ଦେଖିବାକୁ ମିଳିଥିଲା ଲାଭ ଉପାର୍ଜନ ପାଇଁ ଉପହାର ନେବା ପାଇଁ ତାହା ମଧ୍ୟ ଏଠାରେ ସ୍ୱଷ୍ଟ ହୋଇଗଲା କି ଯଦି ସେ ବ୍ୟବସାୟରୁ ଯମନଠାରେ କିଛି ଲାଭାଂଶ ରଖୁଥିଲେ ଓ ଲୋକଙ୍କ ଉପହାର ଗ୍ରହଣ କରୁଥିଲେ ତେବେ ତାହା କେବଳ ଏଥିପାଇଁ କି ନିଜ ସ୍ୱାର୍ଥରେ ତାହା ବିନିଯୋଗ କରିବେନାହିଁ ବରଂ କରଜ ପରିଶୋଧ କରିବାପାଇଁ ତାହା ସେ ଗ୍ରହଣ କରୁଥିଲେ । ସେମାନଙ୍କ କହିବା ଅର୍ଥ ଏହିକି ଯେ, ଆମ ଘରେ ମଧ୍ୟ ଗଣ୍ଡେ ଖାଇବାକୁ ନାହିଁ ତେଣୁ ଆମେ ମଧ୍ୟ ଅଭାବିଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଆମକୁ ବି ଦିଅନ୍ତୁ ସେତେବେଳେ ତାଙ୍କ ପଇସା ଥଳୀରେ ମାତ୍ର ଦୁଇ ଦୀନାର ବାକି ରହିଯାଇଥିଲା । ସେ ସମସ୍ତ ଅର୍ଥ ବାଂଟି ସାରିଥିଲେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ସେହି ଦୁଇ ଦୀନାର ନିଜ ପତ୍ନୀ ଆଡ଼କୁ ବଢ଼ାଇଦେଲେ । ଏଥିଅନ୍ତେ ଦାସ ଜଣଙ୍କ ହଜ୍‌ରତ୍ ଉମର ର:ଅଙ୍କ ନିକଟକୁ ଚାଲିଆସିଲେ ଏବଂ ସମସ୍ତ ଘଟଣାର ବୃତାନ୍ତ କରି ତାଙ୍କୁ ସୂଚିତ କଲେ । ହଜ୍‌ରତ୍ ଉମର ର:ଅ ତା'ଉପରେ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ କହିଲେ, ନିଃସନ୍ଦେହ ଏହି ଦୁଇଜଣ ଅର୍ଥାତ ହଜ୍‌ରତ୍ ଅବି ଉବୈଦା ବିନ୍ ଜର୍‌ରାହ ଏବଂ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ପରସ୍ପର ଭାଇ ଅଟନ୍ତି । ଏହିଭଳି ବ୍ୟୟ କରିବାର ଅଭ୍ୟାସ ଏମାନଙ୍କର ରହିଛି । ତେଣୁ ଖର୍ଚ୍ଚ କରିବାରେ ଏମାନେ ଭାଇଭାଇ ପରି ।

*(ମଜ୍‌ମୁଅଜ୍ ଜୱାଇନ୍ ଖଣ୍ଡ-୩, ପୃ-୨୩୪....... ବେରୁତ ୨୦୦୧)*

ଶୁରୈହ୍ ବିନ୍ ଉବୈଦ୍ ଓ ରାସିଦ୍ ବିନ୍ ସାଆଦ୍ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ଯେତେବେଳେ ସର୍ଗ ନାମକ ସ୍ଥାନରେ ପହଂଚିଲେ ସେତେବେଳେ ତାଙ୍କୁ କୁହାଗଲା ଯେ, ସିରିୟାରେ ଏକ ଭୟଙ୍କର ସଂକ୍ରାମକ ରୋଗ ପରିବ୍ୟାପ୍ତ ରହିଛି । ହଜ୍‌ରତ୍ ଉମର୍ ର:ଅ କହିଲେ ଯେ ମତେ ସୁଚନା ପ୍ରାପ୍ତ ହୋଇଛି ଯେ ସିରିୟାରେ ଏକ ଭୟଙ୍କର ମହାମାରୀ ବ୍ୟାପିଛି ତେଣୁ ମୋର ଏହି ମତାମତ ଯେ ଯଦି ମୋର ମୃତ୍ୟୁ ସମୟ ଆସିଯାଏ ଏବଂ ଅବୁ ଉବୈଦା ବିନ୍ ଜର୍‌ରାହ୍ ଜୀବିତ ଥାଆନ୍ତି ତେବେ ମୁଁ ଖିଲାଫତ ନିମନ୍ତେ ତାଙ୍କର ନାମାଙ୍କନ କରିବି ଏବଂ ଏ ସଂକ୍ରାନ୍ତରେ ଯଦି ଅଲ୍ଲାଃ ତାଲା ମତେ ପ୍ରଶ୍ନ କରନ୍ତି ଯେ ତୁମେ ଉକ୍ତ ବ୍ୟକ୍ତିଙ୍କୁ ମୁହମ୍ମଦଙ୍କ ସମ୍ପ୍ରଦାୟ ନିମନ୍ତେ କାହିଁକି ଖଲିଫା ରୂପେ ନିର୍ବାଚିତ କଲ ତେବେ ପ୍ରତି ଉତରରେ ମୁଁ କହିବି ଯେ, ମୁଁ ତୁମ୍ଭ ରସୁଲ୍ ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଥିଲି ଯେ ପ୍ରତ୍ୟେକ ନବୀର ଗୋଟିଏ ଅମୀନ ଥାଏ ଏବଂ ମୋ ସମ୍ପ୍ରଦାୟର ଅମିନ୍ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ୍ ର:ଅ ଅଟନ୍ତି । ଏହାର ଆଲୋଚନା ପୂର୍ବରୁ ମଧ୍ୟ ହୋଇସାରିଛି । ଲୋକମାନଙ୍କୁ ଏହି କଥା ପସନ୍ଦ ଲାଗିଲାନାହିଁ ସେମାନେ କହିବାକୁ ଲାଗିଲେ କୁରୈଶ୍‌ର ବଡ଼ ଲୋକମାନଙ୍କର କଣ ହେବ? ଅର୍ଥାତ ବନୁ ଫିହର୍‌ର କଣ ହେବ? ପ୍ରତି ଉତରରେ ହଜ୍‌ରତ୍ ଉମର ର:ଅ କହିବାକୁ ଲାଗିଲେ ଯଦି ମୋର ମୃତ୍ୟୁ ସମୟ ନିକଟବର୍ତୀ ହୁଏ ଏବଂ ଅବୁ ଉବୈଦା ବିନ୍ ଜର୍‌ରାହ୍ ମଧ୍ୟ ମୃତ୍ୟୁବରଣ କରନ୍ତି ତେବେ ସେ ପରିପ୍ରେକ୍ଷୀରେ ମୁଁ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ନିଜର ଖଲିଫା ନିର୍ବାଚିତ କରିବି ଏବଂ ଯଦି ମୋର ପାଳନକର୍ତା ମତେ ପ୍ରଶ୍ନ କରନ୍ତି ତେବେ ମୁଁ ତାହାଙ୍କୁ ଉତର ଦେବି କି ମୁଁ ତୁମ୍ଭର ରସୁଲ୍‌ଙ୍କୁ ଏହା କହୁଥିବାର ଶୁଣିଥିଲି ଅର୍ଥାତ ରସୁଲ୍ ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଥିଲି ଯେ ସେମାନେ ପ୍ରଳୟ ଦିବସ ଦିନ ବିଦ୍ୱାନମାନଙ୍କ ଆଗରେ ଥିବେ ଅର୍ଥାତ ସେମାନେ ଜ୍ଞାନରେ ସର୍ବୋଚ୍ଚ ଆସିନ ହୋଇଥିବେ । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ.... ହଦିସ୍-୧୦୮) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୩, ପୃ-୨୩୯)*

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଓ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ୍ ର:ଅ ୟର୍‌ମୁକ୍ ଯୁଦ୍ଧରେ ୧୫ ହିଜ୍‌ରୀରେ ମେମନାର ଦକ୍ଷୀଣପାର୍ଶ୍ୱରେ ଛିଡ଼ା ହୋଇଥିଲେ, ଅର୍ଥାତ ସେନାଦଳର କମାଣ୍ଡରଙ୍କ ଡ଼ାହାଣ ପାର୍ଶ୍ୱରେ ନିଯୁକ୍ତ ହୋଇଥିଲେ ଖ୍ରୀଷ୍ଟଧର୍ମୀମାନଙ୍କର ଆକ୍ରମଣ ଏତେ ଜୋର୍‌ଦାର ଓ ଭୟଙ୍କର ଥିଲା ଯେ ମୁସଲମାନ ସେନାର ମେମନା ଭାଗଟି ଭାଙ୍ଗି ଯାଇ ପୃଥକ ହୋଇଯାଇଥିଲା ଏବଂ ମୁସଲମାନମାନେ ବିଚ୍ଛୁରିତ ହୋଇଯାଇଥିଲେ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଯେତେବେଳେ ଲୋକମାନଙ୍କର ଏହି ଦୟନୀୟ ଅବସ୍ଥା ଦେଖିଲେ ସେତେବେଳେ ସେ ସାହାସିକତାର ସହ ସର୍ବୋଚ୍ଚ ସ୍ତରର ବିରତ୍ୱ ପ୍ରଦର୍ଶନ କଲେ ଏବଂ ଅଶ୍ୱରୁ ତଳକୁ ଓହ୍ଲାଇ ପଡ଼ିଲେ ଏବଂ କହିଲେ ମୁଁ ବର୍ତମାନ ପଦାଦିକ ହୋଇ ଯୁଦ୍ଧ ଲଢ଼ିବି ଯଦି କୌଣସି ବୀର ଉକ୍ତ ଘୋଡ଼ାର ଅଧିକାରକୁ ତୁଲାଇ ପାରିବ ତାହେଲେ ଏହି ଘୋଡ଼ାଟି ତାହାଙ୍କ ତାହା ନିମନ୍ତେ ଉପସ୍ଥିତ ଅଛି । ତାଙ୍କ ପୁତ୍ର ମଧ୍ୟ ଯୁଦ୍ଧ ଭୁମିରେ ଉପସ୍ଥିତ ଥିଲେ, ସେ କହିଲେ ମୁଁ ଏହାର ଦାୟିତ୍ୱ ତୁଲାଇବି କାରଣ ମୁଁ ଅଶ୍ୱ ଉପରେ ଆରୋହଣ ହୋଇ ଭଲ ଯୁଦ୍ଧ ଲଢ଼ିପାରିବି । ସୁତରାଂ ଉଭୟ ପିତା ଓ ପୁତ୍ର ସୈନ୍ୟଦଳର ବକ୍ଷକୁ ବିଦିର୍ଣ୍ଣ କରି ଭିତରେ ପ୍ରବେଶ କରିଗଲେ ଏବଂ ଏଭଳି ବିରତ୍ୱର ସହ ଲଢ଼ିଲେ ଯେ ମୁସଲମାନମାନଙ୍କର ଆନ୍ଦୋଳିତ ହୋଇଯାଇଥିବା ପାଦକୁ ପୂର୍ନବାର ଥାପିବାରେ ସକ୍ଷମ ହୋଇପାରିଥିଲେ ଏବଂ ସେମାନଙ୍କର ଭୟାତୁ ଅବସ୍ଥାକୁ ପରିବର୍ତନ କରି ସେମାନଙ୍କୁ ପୂର୍ନବାର ପରାଜୟର ସ୍ୱାଦକୁ ଅସ୍ୱାଦନ କରାଇ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କରିଥିଲେ ।

*(ସିରସ୍ ସାହାବା ଖଣ୍ଡ-୩, ପୃ-୫୦୮...... କରାଚି)*

*(ଫିରୋଜୁଲ୍ ଲୁଗାତ୍, ପୃ-୧୩୩୨ ଶବ୍ଦ ମୈମନାଃ)*

ଅବୁ ଇଦ୍‌ରିସ୍ ଖୌଲାନୀ ବର୍ଣ୍ଣନା କରନ୍ତି ଯେ ମୋର ସନ୍ଧ୍ୟା ସମୟରେ ଦମିସ୍କର ମସ୍‌ଜିଦ୍‌ରେ ପ୍ରବେଶ ହେଲା ସେଠାରେ ଜଣେ ଯୁବକ ଥିଲେ ଯାହାର ଦାନ୍ତ ଚମକୁଥିଲା । ସେ ଉପସ୍ଥିତ ଥିଲା ଓ ତାହାର ଆଖପାଖରେ ଲୋକମାନେ ଏକତ୍ରିତ ଥିଲେ ଯେତେବେଳେ ଲୋକମାନେ କୌଣସି କଥା ଉପରେ ମତପ୍ରାର୍ଥକ୍ୟ କରୁଥିଲେ ସେତେବେଳେ ସେମାନେ ଉକ୍ତ ସମସ୍ୟାକୁ ସେହି ଯୁବକ ନିକଟକୁ ନେଇ ଉପସ୍ଥାପିତ କରୁଥିଲେ ଅର୍ଥାତ ନିଷ୍ପତି ନିମନ୍ତେ ତାଙ୍କ ନିକଟରେ ଫେରାଦ୍ କରୁଥିଲେ । ଉକ୍ତ ଯୁବକର ପରାମର୍ଶକୁ ଅଗ୍ରାଧିକାର ଦିଆଯାଉଥିଲା ଯେତେବେଳେ ମୁଁ ତାଙ୍କ ବିଷୟରେ ପଚାରିଲି ସେତେବେଳେ ମତେ କୁହାଗଲା ଯେ, ଏ ହେଉଛନ୍ତି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ପରବର୍ତୀ ଦିନ ଦ୍ୱିପ୍ରହରରେ ଦେଖିଲି ଯେ, ସେ ମୋ ପୂର୍ବରୁ ସେଠାରେ ଉପସ୍ଥିତ ଥିଲେ । ମୁଁ ଦେଖିଲି ଯେ ସେ ନମାଜ ପାଠ କରୁଛନ୍ତି । ସୁତରାଂ ମୁଁ ତାଙ୍କର ଅପେକ୍ଷା କଲି ତେବେ ମୁଁ ତାଙ୍କ ଆଗରେ ଆସିଲି ଯେତେବେଳେ ସେ ନମାଜ ପାଠ କରିସାରିଲେ ଏବଂ ତାଙ୍କୁ ସଲାମ୍ ଜଣାଇଲି ଏବଂ କହିଲି ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯେ, ମୁଁ ଅଲ୍ଲାଃ ତାଲାଙ୍କ ସକାଶେ ଆପଣଙ୍କୁ ପ୍ରେମ କରୁଛି । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ପୁଣି କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଏହାପରେ ସେ ପ୍ରଶ୍ନ କଲେ ମୁଁ ପୁଣି ଈଶ୍ୱରଙ୍କ ଶପଥ କରି କହୁଛି । ଏହାପରେ ସେ ମୋ ଚାଦର କଡ଼କୁ ଧରି ମତେ ନିଜ ଆଡ଼କୁ ଆକର୍ଷିତ କଲେ ଏବଂ କହିଲେ ତୁମେ ପ୍ରସନ୍ନ ହୋଇଯାଅ କାରଣ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ, ଅଶେଷ ଦୟାବାନ ଓ ସଦାକରୁଣାମୟ ଈଶ୍ୱର ମତେ ଏହା କହିଛନ୍ତି ଯେ, ମୋ ସକାଶେ ପରସ୍ପରକୁ ପ୍ରେମ କରୁଥିବା ବ୍ୟକ୍ତିମାନେ ମୋ ସକାଶେ ପରସ୍ପର ସଙ୍ଗତି ମଧ୍ୟରେ ବସୁଥିବା ବ୍ୟକ୍ତିମାନେ, ମୋ ସକାଶେ ପରସ୍ପରକୁ ସାକ୍ଷାତ କରୁଥିବା ବ୍ୟକ୍ତିମାନେ ଓ ମୋ ସକାଶେ ପରସ୍ପର ଉପରେ ବ୍ୟୟ କରୁଥିବା ଲୋକମାନଙ୍କ ଉପରେ ମୋର ପ୍ରେମ ବାଧ୍ୟତାମୁଳକ ହୋଇଯାଇଛି ସେମାନଙ୍କ ପାଇଁ ଅର୍ଥାତ ଅଲ୍ଲାଃ ତାଲାଙ୍କର ପ୍ରେମ ବାଧ୍ୟତାମୁଳକ ହୋଇଯାଇଛି ।

*(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ମସ୍‌ନଦ୍ ଅହ୍‌ମଦ୍ ବିନ୍ ଜବଲ୍ ଖଣ୍ଡ-୭, ପୃ-୩୫୩-୩୫୪ ହଦିସ୍- ୨୨୩୮୦..... ବେରୁତ ୧୯୯୮)*

ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କର ଦୁଇଜଣ ପତ୍ନୀ ଥିଲେ, ପାଳି ଅନୁଯାୟୀ ଯେତେବେଳେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ପ୍ରଥମ ପତ୍ନୀଙ୍କ ପାଖରେ ରହୁଥିଲେ ସେତେବେଳେ ଦ୍ୱିତୀୟ ପତ୍ନୀଙ୍କର ଅନ୍ନଜଳ ମଧ୍ୟ ସ୍ୱର୍ଶ କରୁନଥିଲେ । ଅର୍ଥାତ ସେ ନିଜ ଦୁଇ ପତ୍ନୀଙ୍କ ମଧ୍ୟରେ ପୂର୍ଣ୍ଣ ନ୍ୟାୟ ଆଚରଣ କରୁଥିଲେ । ଏହାର ଏକ ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କର ଦୁଇଜଣ ପତ୍ନୀ ଥିଲେ ତାଙ୍କର ଯେତେବେଳେ ପ୍ରଥମ ପତ୍ନୀଙ୍କ ନିକଟରେ ପାଳି ରହୁଥିଲା ସେତେବେଳେ ସେ ଦ୍ୱିତୀୟ ପତ୍ନୀଙ୍କ ଘରେ ଓ୍ୱଜୁ ମଧ୍ୟ କରୁନଥିଲେ । ସିରିୟାରେ ପରିବ୍ୟାପ୍ତ ଥିବା ସଂକ୍ରାମକ ରୋଗରେ ଯେତେବେଳେ ସେହି ଦୁଇଜଣଙ୍କର ମୃତ୍ୟୁ ହେଲା । ସେମାନଙ୍କୁ ଗୋଟିଏ କବରରେ ହିଁ କବର ଦିଆଯାଇଥିଲା ଅର୍ଥାତ ଦୁଇପତ୍ନୀଙ୍କୁ ଗୋଟିଏ କବରରେ ହିଁ ହଜ୍‌ରତ୍ ମୁଆଜ୍ କବର ଦେଇଥିଲେ । କବର ଦେବା ପୂର୍ବରୁ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଦୁଇ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

ପତ୍ନୀଙ୍କ ମଧ୍ୟରେ କାଗଜଗୁଳା ପକାଇଲେ ଯେ କାହାକୁ ପ୍ରଥମେ କବରରେ ପ୍ରବେଶ କରାଇବେ ସେ କିଭଳି ଦୁଇପତ୍ନୀଙ୍କ ମଧ୍ୟରେ ନ୍ୟାୟ ଆଚରଣ କରୁଥିଲେ ତାହା ଏହି କଥାରୁ ସ୍ପଷ୍ଟରୂପେ ବାରି ହେଉଅଛି ।

*(ହୁଲିୟତୁଲ୍ ଅଓଲିୟା ଖଣ୍ଡ-୧, ଭାଗ-୧, ପୃ-୨୦୪......କରାଚି ୨୦୦୬)*

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ଦୁଇ ପତ୍ନୀଙ୍କ ବିବରଣୀ ସମ୍ପର୍କରେ ସିରୁଲ୍ ସାହାବାରେ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ, ସେମାନେ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ଅର୍ଥାତ ସେ କାଳରେ ଯେଉଁ ପ୍ଲେଗ୍ ରୋଗ ପରିବ୍ୟାପ୍ତ ରହିଥିଲା ସେହି ରୋଗରେ ଆକ୍ରାନ୍ତ ହୋଇ ସେମାନେ ପ୍ରାଣ ହରାଇଥିଲେ । ତାଙ୍କ ପୁତ୍ର ସମ୍ପର୍କରେ ଏହା ଜଣାଯାଏ ଯେ, ତାଙ୍କର ଗୋଟିଏ ପୁତ୍ର ଥିଲା ଯାହାର ନାମ ଅବ୍‌ଦୁର୍ ରହ୍‌ମାନ୍ ବୋଲି ବର୍ଣ୍ଣିତ ରହିଛି । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ପୁତ୍ର ୟର୍‌ମୁକ ଯୁଦ୍ଧରେ ପିତାଙ୍କ ସହିତ ଯୁଦ୍ଧରେ ସାମିଲ ଥିଲେ ବୋଲି ବର୍ଣ୍ଣିତ ରହିଛି । ତାଙ୍କର ମୃତ୍ୟୁ ମଧ୍ୟ ପ୍ଲେଗ ରୋଗ ଦ୍ୱାରା ହୋଇଥିଲା ।

*(ସିରସ୍ ସାହାବା ଖଣ୍ଡ-୩, ପୃ-୫୧୦-୫୧୧...... କରାଚି)*

ଯେତେବେଳେ ହଜ୍‌ରତ୍ ଅବୁ ଉବୈଦା ର:ଅଙ୍କ ମୃତ୍ୟୁ ପ୍ଲେଗ୍ ରୋଗ ଦ୍ୱାରା ଘଟିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କୁ ସିରିୟାର କର୍ମକର୍ତ୍ତା ରୂପେ ନିଯୁକ୍ତ କଲେ । ଯେପରି କି ମୁଁ ପୂର୍ବେ ଆଲେଚନା କରିଆସିଲି ଯେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ଅମୁଓ୍ୱାସ୍ ନାମକ ଏକ ବସ୍ତିରେ ଯାହାକି ୟର୍‌ମଲାଠାରୁ ୭ ମାଇଲ ବ୍ୟବଧାନରେ ଅବସ୍ଥିତ ଏବଂ ବଇତୁଲ୍ ମୁକ୍‌ଦସ୍ ଆଡ଼କୁ ଯାଇଥିବା ରାସ୍ତାରେ ଏକ ବସ୍ତି ରହିଛି, ସେହି ବର୍ଷ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ହଜ୍‌ରତ୍ ମାଆଜ୍ ର:ଅ ମୃତ୍ୟୁବରଣ କରିଥିଲେ ।

*(ଅଲ୍‌ଇସ୍‌ତିୟାବ.......ଖଣ୍ଡ-୩ ପୃ-୧୪୦୫........ ବେରୁତ) (ମୁଅଜମୁଲ୍ ବୁଲ୍‌ଦାନ ଖଣ୍ଡ-୪, ପୃ-୧୭୭-୧୭୮)*

କସିର୍ ବିନ୍ ମୁର୍‌ରା ବର୍ଣ୍ଣନା କରନ୍ତି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ନିଜର ରୋଗାକ୍ରାନ୍ତ ଅବସ୍ଥାରେ ଆମମାନଙ୍କୁ କହିଲେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଏକଥା ଶୁଣିଛି ଯାହା ମୁଁ ତୁମମାନଙ୍କ ନିକଟରେ ଗୋପନ ରଖିଥିଲି ତାହା ଏହିକି ଯେ ହଜୁର ସ:ଆ:ସ କହିଲେ ଯେଉଁ ବ୍ୟକ୍ତିର ଶେଷ ବାକ୍ୟ **ଲାଇଲାହା ଇଲ୍ଲଲ୍‌ଲାହା** ହୋଇଥିବ ଅର୍ଥାତ ନିଶ୍ୱାସ ତ୍ୟାଗ କରିବା ପୁର୍ବରୁ ସେ **ଲାଇଲାହା ଇଲ୍ଲଲ୍‌ଲାହା** ଏହା କହିଥିବ ତାହା ପାଇଁ ସ୍ୱର୍ଗ ପ୍ରାପ୍ତି ସୁନିଶ୍ଚିତ ହୋଇଯିବ ।

*(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ମସ୍‌ନଦ୍ ଅହ୍‌ମଦ୍ ବିନ୍ ଜବଲ୍ ଖଣ୍ଡ-୭, ପୃ-୩୫୫.... ହଦିସ୍-୨୨୩୮୩..... ବେରୁତ ୧୯୯୮)*

ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ମୁଆଜ୍ ର:ଅ କହିଲେ ମୁଁ ତୁମମାନଙ୍କୁ ଏହି ହଦିସ୍ ଏଥିପାଇଁ କହୁନଥିଲି କି ତୁମେମାନେ ଏହା ଉପରେ ଭରଷା ନକରି ବସି ରହିଯିବ । ଯଦ୍ୱାରା ଅନ୍ୟ ପୂଣ୍ୟକର୍ମଗୁଡ଼ିକୁ ତ୍ୟାଗ କରିଯିବ ବା ସେଥିରୁ ନିବୃତ ରହିବ ।

ଯେତେବେଳେ ସିରିୟାରେ ପ୍ଲେଗ୍ ମହାମାରୀ ବ୍ୟାପିଲା ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ମଧ୍ୟ ସେହି ରୋଗରେ ଆକ୍ରାନ୍ତ ହୋଇ ଚେତାଶୂନ୍ୟ ହୋଇଗଲେ ଏବଂ ପରେ ଯେତେବେଳେ ତାଙ୍କୁ ଟିକିଏ ଉପସମ ଲାଗିଲା ସେତେବେଳେ ସେ କହିଲେ ହେ ଈଶ୍ୱର ତୁମ୍ଭେ ନିଜର ବିଷାଦକୁ ମୋ ଉପରେ ଆଧିପତ୍ୟ କରିଦିଅ ତୁମ୍ଭର ସମ୍ମାନର ଶପଥ କରି କହୁଛି ତୁମ୍ଭେ ଜାଣ ଯେ ମୁଁ ତୁମ୍ଭକୁ ପ୍ରେମ କରେ ପୁନଶ୍ଚ ସେ ଚେତା ହରାଇ ବସିଲେ ପୁଣି ଯେତେବେଳେ ନିଜର ଚେତା ଫେରି ପାଇଲେ ପୁର୍ନବାର ସେ ସେହି ସମାନ କଥା କହିଲେ ।

ଯେତେବେଳେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କର ମୃତ୍ୟୁ ସମୟ ପାଖେଇ ଆସିଲା ସେତେବେଳେ ସେ କହିଲେ ଦେଖ ସକାଳ ହୋଇଯାଇଛି ତାଙ୍କୁ କୁହାଗଲା ଯେ ନାହିଁ ବର୍ତମାନ ସକାଳ ହୋଇନାହିଁ ଯେତେବେଳେ ସକାଳ ହେଲା ସେତେବେଳେ ତାଙ୍କୁ କୁହାଗଲା ଯେ ସକାଳ ହୋଇଯାଇଛି । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ କହିଲେ ଯେ ମୁଁ ସେହି ରାତ୍ରରୁ ଈଶ୍ୱରଙ୍କ ଶରଣାଗତ ହେଉଛି ଯାହାର ସକାଳ ନର୍କାଗ୍ନୀ ଆଡ଼କୁ ନେଇଯିବ । ମୁଁ ମୃତ୍ୟୁକୁ ସ୍ୱାଗତ ଜଣାଉଛି ମୁଁ ନିଜର ପ୍ରୀୟଙ୍କୁ ସାକ୍ଷାତ କରୁଥିବାରୁ ସ୍ୱାଗତ ଜଣାଉଛି ଯିଏ କି ଦୀର୍ଘ ଦିନପରେ ଆସୁଛି । ହେ ଅଲ୍ଲା ! ତୁମ୍ଭେ ଜାଣ ଯେ ମୁଁ ତୁମ୍ଭକୁ ଭୟ କରେ ଏବଂ ଆଜି ମୁଁ ଆଶାବାଦୀ । ମୁଁ ଏ ସଂସାର ଓ ଲମ୍ବା ଜୀବନକୁ ଏଥିପାଇଁ ଭଲ ପାଏନାହିଁ କି ମୁଁ ଏ ସଂସାରରେ କେନାଲ ଖୋଳିବି କିମ୍ବା ଏହି ସଂସାରରେ ବୃକ୍ଷରୋପଣ କରିବି ତାହା ନୁହେଁ ବରଂ ମୁଁ ଏହି ସଂସାରରେ କ୍ଷୁଦ୍ର ନଦୀ ଏଥିପାଇଁ ଖୋଳିବାକୁ ଚାହୁଁଛି ଯେ ମୁଁ ଦ୍ୱିପ୍ରହର ତୃଷ୍ଣା ଓ ପରିସ୍ଥିତିର ସମସ୍ୟାକୁ ସହ୍ୟ କରିପାରିବି ଏବଂ ସେହି ବିଦ୍ୱାନମାନଙ୍କ ଗହଣରେ ବସିବି ଯେଉଁଠି ତୁମ୍ଭର ଚର୍ଚ୍ଚା ହେବ । ଏହିପରି ଭାବରେ ଅନ୍ୟ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେତେବେଳେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କର ମୃତ୍ୟୁ ସମୟ ପାଖେଇ ଆସିଲା ସେତେବେଳେ ସେ କାନ୍ଦିବାକୁ ଲାଗିଲେ ତାଙ୍କୁ ପଚରାଗଲା ଆପଣ କାହିଁକି କାନ୍ଦୁଛନ୍ତି ଆପଣ ତ ହଜୁର ସ:ଆ:ସଙ୍କ ସାଥି ଅଟନ୍ତି ପ୍ରତିଉତରରେ ସେ କହିଲେ ମୁଁ ମୃତ୍ୟୁର ଦୁଃଖରୁ କାନ୍ଦୁନାହିଁ ନା ମୁଁ ଏଥିପାଇଁ କାନ୍ଦୁଛି ଯେ, ମୁଁ ନିଜର ପଛରେ ସଂସାରକୁ ଛାଡ଼ି ଯାଉଛି ବରଂ ଏଥିପାଇଁ କାନ୍ଦୁଛି ଯେ ପରକାଳରେ ଦୁଇଟି ଗୋଷ୍ଠୀ ରହିଥିବେ ମୁଁ ଜାଣିନାହିଁ ଯେ ମୁଁ କେଉଁ ଗୋଷ୍ଠୀର ହେବି ସେହି ଦୁଇଗୋଷ୍ଠୀ ମଧ୍ୟରୁ ଗୋଟିଏ ସ୍ୱର୍ଗବାସୀ ଗୋଷ୍ଠୀ ଥିବେ ଓ ଅନ୍ୟଟି ନର୍କାଗାମୀ ଗୋଷ୍ଠୀ । ମୁଁ କେବଳ ଅଲ୍ଲାଃ ତାଲାଙ୍କୁ ଭୟ କରୁଛି ଏଥିପାଇଁ ମୁଁ କାନ୍ଦୁଛି । *(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୧୮୯.......... ବେରୁତ)*

ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍‌ରେ ବର୍ଣ୍ଣିତ ରହିଛି ଯେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ କହିଲେ ଯେ ମୁଁ ନବୀ କରିମ୍ ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ ହଜୁର ସ:ଆ:ସ କହିଲେ ତୁମେମାନେ ଭବିଷ୍ୟତରେ ସିରିୟା ଅଭିମୁଖେ ହିଜ୍‌ରତ୍ କରିବ ଏବଂ ସିରିୟା ତୁମ ହସ୍ତରେ ବିଜୟ ପ୍ରାପ୍ତ ହେବ କିନ୍ତୁ ତୁମମାନଙ୍କ ଉପରେ ସେଠାରେ ବ୍ରଣ, ବଥ, ଓ ବସନ୍ତ ରୋଗ ଆଧିପତ୍ୟ ଲାଭ କରିବ ତାହା ମଣିଷ ନାଭିର ତଳଭାଗରେ ପ୍ରକାଶ ପାଇବ । ଏଥିରେ ଅଲ୍ଲାଃ ତାଲା ସେମାନଙ୍କୁ ସାହାଦତ୍ ପ୍ରଦାନ କରିବେ ଏବଂ ତାଙ୍କ କର୍ମର ଶୁଦ୍ଧି ଘଟାଇବେ ହେ ଈଶ୍ୱର ! ଯଦି ତୁମ୍ଭେ ଜାଣ ଯେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ନବୀ କରିମ୍ ସ:ଆ:ସଙ୍କଠାରୁ ଏହି ହଦିସ୍ ଶୁଣିଛନ୍ତି ତାହେଲେ ତୁମ୍ଭେ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ତହିଁରେ ପ୍ରଚୁରାଂଶ ପ୍ରଦାନ କର ଏବଂ ସେମାନେ ସମସ୍ତେ ସେହି ପ୍ଲେଗ ରୋଗରେ ଆକ୍ରାନ୍ତ ହୋଇଯାଆନ୍ତୁ ଏବଂ ସେମାନଙ୍କ ମଧ୍ୟରୁ କେହି ଜଣେ ବି ଜୀବିତ ନଥିଲେ ଅର୍ଥାତ ସେହି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରିଥିଲେ । ଯେତେବେଳେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ସାହାଦତ୍‌ର ଆଙ୍ଗୁଠିରେ ପ୍ଲେଗ୍ ରୋଗର ବଥ ଉଦିପ୍ତ ହେଲା ସେତେବେଳେ ସେ ମତେ ଏହା କହୁଥିଲେ ଯେ, ମୁଁ ଉକ୍ତ ରୋଗ ବଦଳରେ ନାଲିରଙ୍ଗର ଓଟ ମିଳିବା ଶ୍ରେୟସ୍କର ବୋଲି ମନେ କରିବି ନାହିଁ । ମୁଁ ଏହି ଅବସ୍ଥାରେ ଖୁସି ଅଛି ।

*(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ମସ୍‌ନଦ୍ ଅହ୍‌ମଦ୍ ବିନ୍ ଜବଲ୍ ଖଣ୍ଡ-୭, ପୃ-୩୭୧.... ହଦିସ୍-୨୨୪୩୯..... ବେରୁତ ୧୯୯୮)*

ତିବ୍‌ରିର ଇତିହାସ ପୃଷ୍ଠାରେ ଦରଜ ରହିଛି ତାଙ୍କ ପାପୁଲିରେ ବଥ ବାହାରିଥିଲା ସେ ନିଜ ପାପୁଲିକୁ ଦେଖୁଥିଲେ ଏବଂ ସେହି ହାତର ପଶ୍ଚାତ ଭାଗକୁ ଚୁମ୍ବନ କରି କହିଲେ, ହେ ପାପୁଲିରେ ଥିବା ବଥ ମୁଁ ଏହା ପସନ୍ଦ କରୁନାହିଁ ଯେ ମତେ ତୋ ବଦଳରେ ସଂସାରର କୌଣସି ବସ୍ତୁ ପ୍ରାପ୍ତ ହେଉ । *(ତାରିଖେ ତିବ୍‌ରି ଖଣ୍ଡ-୪, ପୃ-୨୩୮.......ଦାରୁଲ୍ ଫିକ୍‌ର ବେରୁତ)*

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅ ୧୮ ହିଜ୍‌ରୀରେ ମୃତ୍ୟୁବରଣ କରିଥିଲେ ତାଙ୍କ ମୃତ୍ୟୁ ସମ୍ପର୍କରେ ବିଭିନ୍ନ ମତାମତ ମିଳୁଅଛି ତଦନୁଯାୟୀ ୩୩ କିମ୍ବା ୩୪ କିମ୍ବା ୩୮ ବର୍ଷ ବୟସ ବର୍ଣ୍ଣିତ ରହିଛି ।

*(ଉସଦୁଲ୍ ଗାବାଃ......ଖଣ୍ଡ-୫, ପୃ-୧୯୦....ବେରୁତ ଲେବ୍‌ନାନ୍୨୦୦୩)*

ହଦିସ୍‌ରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ ର:ଅଙ୍କ ଦ୍ୱାରା ବର୍ଣ୍ଣିତ ରିଓ୍ୱାୟତଗୁଡ଼ିକର ସଂଖ୍ୟା ଅର୍ଥାତ ତାଙ୍କ ଦ୍ୱାରା ୧୫୭ ଟି ହଦିସ୍ ବର୍ଣ୍ଣିତ ହୋଇଛି । ତନ୍ମଧ୍ୟରୁ ଦୁଇଟି ହଦିସ୍‌ରେ ଉପରେ ବୁଖାରୀ ଓ ମୁସ୍‌ଲିମ୍‌ରେ ସହମତି ପ୍ରକାଶ ପାଉଛି ଏବଂ ସେହି ଦୁଇଟି ହଦିସ୍ ଯଥାକ୍ରମେ ଉପରୋକ୍ତରେ ବର୍ଣ୍ଣିତ ହୋଇଥିବା ହଦିସ୍ ଅଟେ । *(ସିରସ୍ ସାହାବା ଖଣ୍ଡ-୩, ଭାଗ-୫ ପୃ-୧୯୦......ବେରୁତ ଲେବ୍‌ନାନ୍ ୨୦୦୩)*

ପରବର୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ସମ୍ବନ୍ଧ ଅନ୍‌ସାର ସମ୍ପ୍ରଦାୟର ଖଜ୍‌ରଜ୍ ଶାଖାର ବନୁ ସଲ୍‌ମା ସହିତ ଥିଲା । ତାଙ୍କ ପିତାଙ୍କ ନାମ ଉମ୍‌ରୋ ବିନ୍ ହରାମ୍ ଓ ମାତାଙ୍କ ନାମ ରୁବାବ୍ ବିନ୍‌ତେ କୈସ୍ ଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୨୩.........ବେରୁତ ୨୦୧୨)*

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ହଜୁର ସ:ଆ:ସଙ୍କ ହିଜ୍‌ରତ୍ ପୂର୍ବରୁ ମାତ୍ର ୪୦ ବର୍ଷ ପୂର୍ବେ ଜନ୍ମ ଗ୍ରହଣ କରିଥିଲେ । *(ସାହାବା କରାମ୍ ଏନ୍‌ସାଇକ୍ଲୋପିଡ଼ିଆ....ପୃ-୪୮୬ ...... ଲାହୋର୍)*

ଅର୍ଥାତ ହିଜ୍‌ରତ୍ ସମୟରେ ତାଙ୍କୁ ୪୦ ବର୍ଷ ବୟସ ହୋଇଥିଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଜଣେ ବିଖ୍ୟାତ ସାହାବି ହଜ୍‌ରତ୍ ଜାବିର୍ ବିନ୍ ର:ଅଙ୍କ ପିତା ଥିଲେ । *(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୧୬୨......ବେରୁତ ୨୦୦୫))*

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ହଜ୍‌ରତ୍ ଅମ୍‌ରୋ ବିନ୍ ଜମୁହ୍‌ଙ୍କ ସ୍ତ୍ରୀଙ୍କର ଭାଇ ଥିଲେ ।

*(ଖୁତ୍‌ବାତେ ତାହେର୍, ତକ୍‌ରିର୍ ଜଲ୍‌ସା ସାଲାନା ୧୯୭୯, ପୃ-୩୪୯)*

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ବୟତେ ଅକ୍‌ବା ସାନିୟାରେ ସାମିଲ ହୋଇଥିଲେ ଏବଂ ହଜୁର ସ:ଆ:ସଙ୍କ ଦ୍ୱାରା ନିଯୁକ୍ତ ୧୨ଜଣ ନକିବ୍ ଅର୍ଥାତ ପ୍ରଧାନମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । କେତେକଙ୍କ ନିକଟରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନଙ୍କ ପଟରୁ ସର୍ବପ୍ରଥମେ ବୀରଗତି ପ୍ରାପ୍ତ କରିଥିଲେ । *(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୮୪......ବେରୁତ ୨୦୦୨)*

ତାଙ୍କର ଇମାନ ଅର୍ଥାତ ବିଶ୍ୱାସ ଆଣିବାର ଘଟଣା ଏପରି ଉଲ୍ଲେଖ ରହିଛି ଯେ, କାଆବ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି ଯେ ଆମେମାନେ ହଜୁର ସ:ଆ:ସଙ୍କଠାରୁ ତଶ୍‌ରିକ୍ ଦିନରେ ଅର୍ଥାତ ହଜ୍ ଦିବସର ଶେଷ ତିନି ଦିନ ୧୧ ରୁ ୧୩ ଜିଲ୍‌ହଜା ଦିବସ ମଧବର୍ତୀ ଦିନ ଅକ୍‌ବାରେ

ସାକ୍ଷାତ କରିବାର ପ୍ରତିଶୃତି ଦେଇଥିଲେ ଅକ୍‌ବା ମକ୍କାର ମଧବର୍ତୀ ସ୍ଥାନରେ ଅବସ୍ଥିତ ମୁଁ ପୂର୍ବେ ମଧ୍ୟ ଅଲୋଚନା କରିସାରିଛି । ଆମେମାନେ ଯେତେବେଳେ ହଜ୍ ଶେଷ କଲୁ ଏବଂ ଯେତେବେଳେ ସେହି ରାତ୍ରଟି ଆସିଗଲା ଯାହାର ଆମେମାନେ ହଜୁର ସ:ଆ:ସଙ୍କୁ ପ୍ରତିଶୃତି ଦେଇଥିଲୁ କି ଆପଣଙ୍କ ସହ ସାକ୍ଷାତ କରିବୁ ସେତେବେଳେ ଆମ ସହିତ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ମଧ୍ୟ ସାମିଲ ଥିଲେ ଯିଏ ଆମମାନଙ୍କ ସର୍ଦ୍ଦାରମାନଙ୍କ ମଧ୍ୟରୁ ଜଣେ ସର୍ଦ୍ଦାର ଥିଲେ ଏବଂ ଆମମାନଙ୍କର ସଜ୍ଜନମାନଙ୍କ ମଧ୍ୟରୁ ଜଣେ ଥିଲେ । ଆମେମାନେ ତାଙ୍କୁ ନିଜ ସାଥିରେ ନେଲୁ । ଆମେମାନେ ନିଜ ଲୋକମାନଙ୍କ ମଧ୍ୟରୁ ଅବିଶ୍ୱାସକାରୀମାନଙ୍କଠାରୁ ନିଜର ବିଶ୍ୱାସକାରୀ ହେବା ପ୍ରସଙ୍ଗକୁ ଗୁପ୍ତ ରଖିଥିଲୁ ଆମେ ତାଙ୍କୁ କହିଲୁ ହେ ଅବୁ ଜାବିର୍; ଆପଣ ଆମମାନଙ୍କ ଅଧିପତି ମଧ୍ୟରୁ ଜଣେ ଏବଂ ଆମମାନଙ୍କ ସଜ୍ଜନ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ । ତାଙ୍କର କୁନିୟତ ଅବୁ ଜାବିର୍ ଥିଲା ଏଣୁ ତାଙ୍କୁ ଅବୁ ଜାବିର୍ ବୋଲି ସମ୍ବୋଧିତ କରାଯାଏ । ତେବେ ସେ କୁହନ୍ତି ଯେ ଆମେମାନେ ତାଙ୍କୁ କହିଲୁ ହେ ଅବୁ ଜାବିର୍ ଆପଣ ଆମମାନଙ୍କ ଅଧିପତିଙ୍କ ମଧ୍ୟରୁ ଜଣେ ଆମେ ଏହା ଚାହୁଁନାହୁଁ ଯେ ଆପଣ ନର୍କର ଇନ୍ଧନ ହୁଅନ୍ତୁ ତେଣୁ ଆମେମାନେ ତାଙ୍କୁ ଇସ୍‌ଲାମ୍‌ର ବାର୍ତା ଦେଲୁ । ତାଙ୍କୁ ଇସ୍‌ଲାମ୍ ପ୍ରତି ଆମନ୍ତ୍ରିତ କଲୁ । ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଅକ୍‌ବା ନାମକ ସ୍ଥାନକୁ ଯିବାପାଇଁ ସୁଚିତ କଲୁ ସେ କହିଲେ, ସେମାନେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲେ ଏବଂ ବୟତେ ଅକ୍‌ବାରେ ସାମିଲ ହେଲେ ଏବଂ ନକିବ୍ ଅର୍ଥାତ ପ୍ରଧାନ ରୂପେ ନିଯୁକ୍ତ ହେଲେ । ***(ସିରତ୍ ଇବ୍‌ନେ ହୁଶାମ୍ ଖଣ୍ଡ-୧, ପୃ-୨୩୬.....ବେରୁତ ୨୦୦୯) (ଉର୍ଦ୍ଦୁ ଦାଏରା ମୁଆରିଫ୍ ଇସ୍‌ଲାମିୟା ଖଣ୍ଡ-୬, ପୃ-୪୧୩.....ଲାହୋର୍)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ବର୍ଣ୍ଣନା କରନ୍ତି ମୁଁ ଓ ମୋ ପିତା ମୋର ଦୁଇ ଜଣ ମାମୁଁ ଅକ୍‌ବାର ସାହାବଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଇବ୍‌ନେ ଉୟେନା ନାମକ ଜଣେ ରାଓି ବର୍ଣ୍ଣନା କରନ୍ତି ଯେ ସେମାନଙ୍କ ମଧ୍ୟରୁ ହଜ୍‌ରତ୍ ବରାହ୍ ବିନ୍ ମାରୁର୍ ମଧ୍ୟ ଉପସ୍ଥିତ ଥିଲେ । ***(ସହୀ ବୁଖାରୀ..... ହଦିସ୍ ନଂ-୩୮୯୦-୩୮୯୧)***

ବୟତେ ଅକ୍‌ବା ସାନିୟା ବିଷୟରେ ସିରତ୍ ଖାତ୍‌ମୁନ୍ ନବିଇନ୍ ରୁ ମଧ୍ୟ ସବିଶେଷ ବିବରଣୀ ବର୍ଣ୍ଣନା ହୋଇସାରିଛି । କେବଳ ଜଣେ ସାହାବିଙ୍କ ଚର୍ଚ୍ଚାରେ ନୁହେଁ ବରଂ ଦୁଇଜଣ ସାହାବିଙ୍କ ଚର୍ଚ୍ଚାରେ ଏଠାରେ ଅଳ୍ପ ଭାଗ ପୂର୍ନବାର ବର୍ଣ୍ଣନା କରିଦେଉଛି । ବୟତେ ଅକ୍‌ବା ସାନିୟା ବିଷୟରେ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଯାହା ଉଲ୍ଲେଖ ରହିଛି ତହିଁରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ସମ୍ପର୍କିତ ଅଂଶ ବର୍ଣ୍ଣନା କରିଦେଉଛି ୧୩ ନବଓ୍ୱିର ଜିଲ୍‌ହଜା ମାସରେ ହଜ୍ ଅବସରରେ ଅଓସ୍ ଓ ଖଜ୍‌ରଜ୍ ସମ୍ପ୍ରଦାୟର ଶତାଧିକ ଲୋକମାନେ ମକ୍କା ଆସିଲେ ତନ୍ମଧ୍ୟରୁ ଏପରି ୭୦ ଜଣ ବ୍ୟକ୍ତି ସାମିଲ ଥିଲେ ଯେଉଁମାନେ ମୁସଲମାନ ହୋଇଯାଇଥିଲେ ଅଥିବା ବର୍ତମାନ ସେମାନେ ମୁସଲମାନ ହେବାକୁ ଇଚ୍ଛୁକ ଥିଲେ ସେମାନେ ହଜୁର ସ:ଆ:ସଙ୍କୁ ଭେଟିବାକୁ ମକ୍କା ଆସିଥିଲେ ।

ଉକ୍ତ ଅବସରରେ ଏକ ସାମୁହିକ ଓ ଏକାନ୍ତ ସାକ୍ଷାତର ଆବଶ୍ୟକତା ରହିଥିଲା ଏଣୁ ହଜ୍ ର ପ୍ରଥା ପରେ ଜିଲ୍‌ହଜ୍‌ର ମଧ୍ୟବର୍ତୀ ତାରିଖ ଧାର୍ଯ୍ୟ ହେଲା କି ସେହିଦିନ ହଜୁର ସ:ଆ:ସଙ୍କ ସହ ଏମାନେ ସାକ୍ଷାତ କରିବେ । ସେହିଦିନ ପ୍ରାୟ ଅଧରାତ୍ରିରେ ଏହି ସମସ୍ତ ଲୋକମାନଙ୍କୁ ଗତବର୍ଷ ଯେଉଁ ଘାଟିରେ ସାକ୍ଷାତ ହୋଇଥିଲା ସେହିଠାରେ ହଜୁର ସ:ଆ:ସଙ୍କୁ ଆସି ଭେଟିବାକୁ ଅନୁମତି ମିଳିଥିଲା ଏହି ତିଥି ଓ ବାର ଟି ଧାର୍ଯ୍ୟ ହେଲା କାରଣ ଆଶ୍ୱସ୍ତି ଓ ସନ୍ତୁଷ୍ଟି ସହିତ ଏକାନ୍ତରେ ବାର୍ତାଳାପ ହୋଇପାରିବ । ହଜୁର ସ:ଆ:ସଙ୍କର ଅନ୍‌ସାରମାନଙ୍କୁ ଏହା ତାଗିଦ୍ ଥିଲା ଯେ ଆପଣମାନେ ଏକତ୍ର ଆସିବେ ନାହିଁ ବରଂ ଜଣେ ଜଣେ ଓ ଦୁଇ ଦୁଇଜଣ କରି ଧାର୍ଯ୍ୟ ସମୟରେ ଆସି ଉକ୍ତ ସ୍ଥାନରେ ପହଂଚିବେ । ଶୋଇଥିବା ବ୍ୟକ୍ତିକୁ ଜାଗ୍ରତ କରିବାକୁ ଉଦ୍ୟମ କରିବେ ନାହିଁ ଏବଂ ଅନୁପସ୍ଥିତ ଥିବା ବ୍ୟକ୍ତିର ଅପେକ୍ଷା କରିବେ ନାହିଁ । ସୁତରାଂ ଯେତେବେଳେ ଧାର୍ଯ୍ୟ ତାରିଖ ଆସିଲା ସେତେବେଳେ ରାତ୍ରର ତୃତୀୟ ପ୍ରହରରେ ହଜୁର ସ:ଆ:ସ ଏକୁଟିଆ ଘରୁ ବାହାରିଲେ ଏବଂ ରାସ୍ତାରେ ନିଜର ଚଚା ଅବାସ୍ ର:ଅଙ୍କୁ ସାଥିରେ ଧରିଲେ ଯିଏ ବର୍ତମାନ ସୁଦ୍ଧା ଅବିଶ୍ୱାସକାରୀ ଥିଲେ କିନ୍ତୁ ହଜୁର ସ:ଆ:ସଙ୍କୁ ବେଶ୍ ଭଲପାଉଥିଲେ ଏବଂ ହାସିମ୍ ବଂଶର ଅଧିପତି ଥିଲେ । ସେତେବେଳେ ଅଧିକ ସମୟ ହୋଇନଥିବ କି ଅନ୍‌ସାରମାନେ ମଧ୍ୟ ଜଣ ଜଣ ଓ ଦୁଇ ଦୁଇଜଣ ହୋଇ ଆସି ପହଂଚିଲେ ଏମାନେ ୭୦ ଜଣ ବ୍ୟକ୍ତି ଥିଲେ ଏବଂ ଅଓସ୍ ଓ ଖଜ୍‌ରଜ୍ ସମ୍ପ୍ରଦାୟର ଉଭୟ ଗୋଷ୍ଠୀ ସହିତ ସେମାନଙ୍କର ସମ୍ପର୍କ ଥିଲା ।

ସର୍ବପ୍ରଥମେ ଅବ୍‌ବାସ୍ କଥା ଆରମ୍ଭ କଲେ ଏବଂ କହିଲେ, ହେ ଖଜ୍‌ରଜ୍‌ର ସମ୍ପ୍ରଦାୟ ମୁହମ୍ମଦ ସ:ଆ:ସ ନିଜ ବଂଶରେ ସମ୍ମାନିତ ଏବଂ ଅତି ପ୍ରିୟ ବ୍ୟକ୍ତିତ୍ୱର ଅଧିକାରି ସେହି ବଂଶ ଆଜି ପର୍ଯ୍ୟନ୍ତ ତାଙ୍କର ସୁରକ୍ଷା କରୁଅଛି ଏବଂ ପ୍ରତ୍ୟେକ ବିପଦ ଆପଦ ବେଳେ ତାଙ୍କ ସହ ଅବିଚଳ ଭାବରେ ଛିଡ଼ା ହୋଇଛି କିନ୍ତୁ ମୁହମ୍ମଦ ସ:ଆ:ସଙ୍କର ଉଦ୍ଦେଶ୍ୟ ନିଜର ମାତୃଭୁମିକୁ ଛାଡ଼ି ତୁମମାନଙ୍କ ନିକଟକୁ ଚାଲିଆସିବାର ରହିଛି ତେଣୁ ଯଦି ତୁମେମାନେ ତାଙ୍କୁ ନିଜ ସାଥିରେ ନେଇଯିବାକୁ ଇଚ୍ଛା ପ୍ରକାଶ କରୁଅଛ ତେବେ ତୁମେମାନେ ମୁହମ୍ମଦଙ୍କୁ ପ୍ରତ୍ୟେକ ପାର୍ଶ୍ୱରୁ ସୁରକ୍ଷା ପ୍ରଦାନ କରିବାକୁ ହେବ । ଶତୃ ଆଗରେ ଅବିଚଳ ଭାବରେ ଛିଡ଼ା ହେବାକୁ ପଡ଼ିବ ଯଦି ତୁମେ ତଦନୁଯାୟୀ ତାଙ୍କୁ ସୁରକ୍ଷା ଦେବାକୁ ପ୍ରସ୍ତୁତ ଅଛ ତେବେ ଠିକ୍ ଅନ୍ୟଥା ନିଜ ଉଦ୍ଦେଶ୍ୟ ଏହିକ୍ଷଣି ସ୍ପଷ୍ଟ କରିଦିଅ କାରଣ ସ୍ପଷ୍ଟ ଉତର ଦେବା ପୂଣ୍ୟବନ୍ତଙ୍କ ଆଚରଣ । ବରାଅ ବିନ୍ ମାରୁର୍ ଯିଏ କି ଅନ୍‌ସାର ସମ୍ପ୍ରଦାୟରେ ଏକ ବୟଜ୍ୟୋଷ୍ଠ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ, ସେ କହିଲେ ଅବ୍‌ବାସ୍ ତୁମର କଥା ଶୁଣିନେଲୁ କିନ୍ତୁ ଆମେ ଚାହୁଁଛୁ ଯେ ହଜୁର ସ:ଆ:ସ ସ୍ୱୟମ ନିଜ ପବିତ୍ର ମୁଖରୁ କିଛି ଆମକୁ କୁହନ୍ତୁ ଏବଂ ଆମମାନଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରିବାକୁ ଚାହୁଁଛନ୍ତି ତାହା ସମ୍ପର୍କରେ ଆମକୁ ସ୍ୱୟମ ସୁଚିତ କରନ୍ତୁ । ଅତଏବ ହଜୁର ସ:ଆ:ସ କୁର୍‌ଆନ୍‌ର କେତେକ ଆୟତ ଆବୃତି କଲେ ଏବଂ ପୁନଶ୍ଚ ସଂକ୍ଷିପ୍ତ ଭାଷଣ ଦେଲେ ଯେଉଁଥିରେ ଇସ୍‌ଲାମୀୟ ଶିକ୍ଷା ସମ୍ପର୍କରେ ବର୍ଣ୍ଣିତ ରହିଛି ଏବଂ ଅଲ୍ଲାଃ ତାଲାଙ୍କର ଅଧିକାର ଭକ୍ତଙ୍କ ଅଧିକାରର ବ୍ୟାଖ୍ୟା କରି କହିଲେ, ମୁଁ ନିଜ ପାଇଁ କେବଳ ଏତିକି ଚାହୁଁଛି ଯେ ଯେଉଁଭଳି ଭାବରେ ତୁମେ ନିଜ ବନ୍ଧୁ ପରିଜନ ଓ ସମ୍ପର୍କୀୟମାନଙ୍କୁ ସୁରକ୍ଷା ପ୍ରଦାନ କରୁଅଛ ସେହିପରି ଆବଶ୍ୟକ ପଡ଼ିଲେ ମୋ ସହିତ ଆଚରଣ ପ୍ରଦର୍ଶନ କରିବ । ଯେତେବେଳେ ତାଙ୍କର ଭାଷଣ ସମାପ୍ତ ହେଲା ସେତେବେଳେ ବରାଅ ବିନ୍ ମାରୁର୍ ଆରବୀୟ ପ୍ରଥା ଅନୁଯାୟୀ ହଜୁର ସ:ଆ:ସଙ୍କ ହାତ ଧରି କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ଆମେମାନେ ସେହି ଈଶ୍ୱରଙ୍କ ଶପଥ କରି କହୁଛୁ ଯିଏ ଆପଣଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି ଆମେମାନେ ନିଜ ଜୀବନ ଭଳି ଆପଣଙ୍କର ସୁରକ୍ଷା କରିବୁ ତନ୍ମଧ୍ୟରୁ ଜଣେ ବ୍ୟକ୍ତି କହିବାକୁ ଲାଗିଲା ହେ ଅଲ୍ଲାଃଙ୍କ ରସୁଲ୍ ! ଯେତେବେଳେ ଆପଣଙ୍କୁ ବିଜୟ ପ୍ରାପ୍ତି ହେବ ସେତେବେଳେ ଆପଣ ଆମମାନଙ୍କୁ ଛାଡ଼ି ଚାଲି ଆସିବେ ନାହିଁ ତ ? ପ୍ରତିଉତରରେ ହଜୁର ସ:ଆ:ସ ସ୍ମିତହାସ୍ୟ ପ୍ରକାଶ କରି କହିଲେ, ତୁମର ରକ୍ତ ମୋର ରକ୍ତ ହେବ, ତୁମର ସାଥି ମୋର ସାଥି ହେବେ, ତୁମର ଶତୃ ମୋର ଶତୃ ହେବେ । ଏହା ଶୁଣି ଅବ୍‌ବାସ ବିନ୍ ଉବାଦା ନିଜର ଅନ୍‌ସାରୀ ସାହାବିମାନଙ୍କ ଉପରେ ଦୃଷ୍ଟିପାତ କରି କହିଲେ, ହେ ଲୋକମାନେ କଣ ତୁମେମାନେ ଏହା ଜାଣିପାରୁଛ ଯେ ଉକ୍ତ ଶପଥର ଅର୍ଥ କଣ ? ଏହାର ଅର୍ଥ ହେଉଛି ବର୍ତମାନ ତୁମମାନଙ୍କୁ ପ୍ରତ୍ୟେକ ଘନକଳା, ନାଲି, ଧବଳ ଓ କଳା ରଙ୍ଗର ଲୋକମାନଙ୍କ ସହିତ ଯୁଦ୍ଧ କରିବାପାଇଁ ପ୍ରସ୍ତୁତ ରହିବାକୁ ହେବ ଏବଂ ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହିବାକୁ ହେବ । ଲୋକମାନେ କହିଲେ, ହଁ ଆମେ ଜାଣିଛୁ କିନ୍ତୁ ହେ ଅଲ୍ଲାଃଙ୍କ ରସୁଲ୍ ! ଏହା ପ୍ରତି ବଦଳରେ ଆମକୁ କଣ ମିଳିବ ? ହଜୁର ସ:ଆ:ସ କହିଲେ ତୁମମାନଙ୍କୁ ଅଲ୍ଲାଃ ତାଲାଙ୍କର ବୈକୁଣ୍ଠ ପ୍ରାପ୍ତି ହେବ ଯାହାକି ସମସ୍ତ ପୁରସ୍କାର ମଧ୍ୟରୁ ସର୍ବୋତ୍କୃଷ୍ଟ ପୁରସ୍କାର ଅଟେ । ସମସ୍ତେ କହିଲେ ଆମେମାନେ ଏହି ପୁରସ୍କାରକୁ ସ୍ୱୀକାର କରୁଛୁ ହେ ଅଲ୍ଲାଃଙ୍କ ରସୁଲ୍! ଆପଣ ନିଜ ହାତ ଆଗକୁ କରନ୍ତୁ । ହଜୁର ସ:ଆ:ସ ନିଜର ପବିତ୍ର ହସ୍ତକୁ ଆଗକୁ ବଢ଼ାଇଲେ ସେହି କ୍ଷଣି ୭୦ ଜଣ ପ୍ରାଣ ଉତ୍ସର୍ଗକାରୀ ସାହାବି ଏକ ଆତ୍ମରକ୍ଷକ ମୁଳକ ଚୁକ୍ତିରେ ହଜୁର ସ:ଆ:ସଙ୍କ ହାତରେ ବିକ୍ରି ହୋଇଗଲେ । ଏହି ବୟତର ନାମ ବୟତେ ଅକ୍‌ବା ସାନିୟା ଅଟେ ।

ଯେତେବେଳେ ବୟତ ସମାପ୍ତ ହୋଇଗଲା ସେତେବେଳ ହଜୁର ସ:ଆ:ସ ସେମାନଙ୍କୁ କହିଲେ, ମୁସା ଆ:ସ ନିଜର ସମ୍ପ୍ରଦାୟରେ ୧୨ଜଣ ନକିବ୍‌ଙ୍କୁ ଚୟନ କରୁଥିଲେ ଯେଉଁମାନେ ମୁସା ଆ:ସଙ୍କ ତରଫରୁ ନିରିକ୍ଷକ ଥିଲେ ମୁଁ ମଧ୍ୟ ତୁମମାନଙ୍କ ନିମନ୍ତେ ୧୨ଜଣ ନକିବ୍ ଚୟନ କରିବାକୁ ଚାହୁଁଛି ଯିଏ ତୁମମାନଙ୍କର ନିରିକ୍ଷକ ହେବେ ଏବଂ ସେମାନେ ମୋ ପାଇଁ ଇସା ଆ:ସଙ୍କ ଅନୁଗାମୀଙ୍କ ପରି ହେବେ ଏବଂ ମୋ ଆଗରେ ନିଜ ଜାତି ସମ୍ପ୍ରଦାୟ ସମ୍ପର୍କରେ ଉତରଦାୟୀ ହେବେ । ସୁତରାଂ ତୁମେ ଉପଯୁକ୍ତ ବ୍ୟକ୍ତିମାନଙ୍କର ନାମ ପ୍ରସ୍ତାବିତ କର ଅର୍ଥାତ ଯେପରି ହଜ୍‌ରତ୍ ମୁସା ଆ:ସ ନିଜର ୧୨ ଜଣ ନକିବ୍ ନିଯୁକ୍ତ କରିଥିଲେ ସେହିପରି ହଜୁର ସ:ଆ:ସ ନିଜ ସମ୍ପ୍ରଦାୟର ବାର୍ତାକୁ ସମସ୍ତ ଲୋକମାନଙ୍କ ନିକଟରେ ପହଂଚାଇବା ନିମନ୍ତେ ଅନ୍‌ସାରମାନଙ୍କ ମଧ୍ୟରେ ୧୨ଜଣ ବାର୍ତାବହ ନିଯୁକ୍ତ କରିବାପାଇଁ ପ୍ରସ୍ତାବ ଦେଇଥିଲେ । ସୁତରାଂ ୧୨ଜଣ ବ୍ୟକ୍ତିଙ୍କର ନାମ ଆଗତ ହେଲା ଯେଉଁମାନଙ୍କୁ ହଜୁର ସ:ଆ:ସ ସ୍ୱୀକୃତି ପ୍ରଦାନ କରିଥିଲେ ଏବଂ ସେମାନଙ୍କୁ ଗୋଟିଏ ଗୋଟିଏ କବିଲାର ପର୍ଯ୍ୟବେକ୍ଷକ ରୂପେ ନୁଯୁକ୍ତ କରି ସେମାନଙ୍କର ଦାୟିତ୍ୱ ବୋଧ ସମ୍ପର୍କରେ ବୁଝାଇ ଦେଇଥିଲେ ଏବଂ ଅନ୍ୟ କେତେକ କବିଲା ପାଇଁ ହଜୁର ସ:ଆ:ସ ଦୁଇ ଦୁଇଜଣ ନକିବ୍ ନିଯୁକ୍ତ କଲେ । ସେ ଯାହା ହେଉ ନା କାହିଁକି ଏହି ୧୨ଜଣ ନକିବ୍‌ମାନଙ୍କ ମଧ୍ୟରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ନାମ ମଧ୍ୟ ସେଥିରେ ସାମିଲ ଥିଲା । ଅର୍ଥାତ ସେହି ୧୨ଜଣଙ୍କ ମଧ୍ୟରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ସାମିଲ ଥିଲେ । ତାଙ୍କୁ ହଜୁର ସ:ଆ:ସ ନିଯୁକ୍ତ କରିଥିଲେ । ***(ସିରତ୍ ଖାତମୁନ୍ ନବିୟିନ୍ ପୃ-୨୨୭-୨୩୧)***

ଏକ ବର୍ଣ୍ଣନା ଅନୁଯାୟୀ ଓ୍ୱହଦ୍ ଯୁଦ୍ଧ ଅବସରରେ ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ଯିଏ ମଦିନାର ମୁନାଫିକମାନଙ୍କର ଅର୍ଥାତ କପଟବିଶ୍ୱାସୀଙ୍କର ଦଳପତି ଥିଲା, ଯେତେବେଳେ ସେ ବିଶ୍ୱସଘାତ କଲା ସେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ସେମାନଙ୍କୁ ଉପଦେଶ ଦେବାପାଇଁ ଚେଷ୍ଟା କରିଥିଲେ ଏବଂ ବୁଝାଇବାକୁ ଚେଷ୍ଟା କରିଥିଲେ ।

*(ଗଜ୍‌ୱାଏ ଓ୍ୱହଦ୍.......ପୃ-୨୧୫..... କରାଚି ୧୯୮୯)*

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେତେବେଳେ ମୋ ପିତାଶ୍ରୀ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଓ ମାମୁଁ ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କଲେ ସେତେବେଳେ ମୋର ମାତା ଆଉ ଏକ ବର୍ଣ୍ଣନାରେ ପିଉସୀ ବୋଲି ଲେଖାଅଛି ଯିଏ ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍ ର:ଅଙ୍କ ପତ୍ନୀ ଥିଲେ ସେହି ଦୁହିଁଙ୍କୁ ଓଟ ଉପରେ ବସାଇ ମଦିନାକୁ ଆଣିଲେ । ହଜୁର ସ:ଆ:ସ ସେତେବେଳେ ଘୋଷଣା କଲେ କି ନିଜର ଶହୀଦ ହୋଇଥିବା ମୃତକଙ୍କୁ ସେମାନଙ୍କର ଲଢୁଥିବାର ଯୁଦ୍ଧ ସ୍ଥାନରେ ହିଁ କବର ଦିଅ । ପ୍ରତିଉତରରେ ସେହି ଦୁହିଁଙ୍କୁ ଫେରାଇ ନିଆଯାଇଥିଲା ଏବଂ ସେମାନଙ୍କର ଲଢ଼ିବା ସ୍ଥାନରେ ଅର୍ଥାତ ବୀରଗତି ପ୍ରାପ୍ତ କରିଥିବା ସ୍ଥାନରେ ସେଠାରେ ତାଙ୍କୁ କବର ଦିଆଯାଇଥିଲା ।

*(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୪୨୩.....ବରୁତ ୨୦୧୨)*

*(ଅଲ୍‌ଅସାବାଃ.....ଖଣ୍ଡ-୨, ପୃ-୨୮୭......ବେରୁତ ୧୯୯୫)*

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ହଜ୍‌ରତ୍ ଅନସ୍ ବିନ୍ ମାଲିକ ର:ଅ ବର୍ଣ୍ଣନା କରନ୍ତି ଓ୍ୱହଦ୍ ଯୁଦ୍ଧ ଅବସରରେ ମଦିନାବାସୀଙ୍କ ମଧ୍ୟରେ ଏହି ଖବରଟି ପ୍ରଚାରିତ ହୋଇଗଲା ଯେ, ହଜୁର ସ:ଆ:ସ ନଉଜୁବିଲ୍ଲା ଶହୀଦ ହୋଇଯାଇଛନ୍ତି । ଉକ୍ତ ଖବରଟିକୁ ଶୁଣି ମଦିନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଥିଲା । ଉକ୍ତ ଶୋକାକୁଳ ପରିବେଶକୁ ଜଣେ ଅନ୍‌ସାରୀ ମହିଳା ଅବଲୋକନ କଲା ଏବଂ ଓ୍ୱହଦ୍ ଅଭିମୁଖେ ବାହାରିପଡ଼ିଲା କିନ୍ତୁ ରାସ୍ତାରେ ସେ ମହିଳାଜଣକ ନିଜର ପିତା, ପୁତ୍ର ଓ ଭାଇଙ୍କ ଶବକୁ ଦେଖିଲା । ବର୍ଣ୍ଣନାକାରୀ କୁହନ୍ତି ସେ ଜାଣନ୍ତି ନାହିଁ ଉକ୍ତ ମହିଳାଜଣକ ସର୍ବପ୍ରଥମେ କାହାକୁ ଦେଖିଥିଲେ । ସେ ଯାହା ହେଉ ସେହି ମହିଳାଜଣଙ୍କ ଯେତେବେଳେ କୌଣସି ଶବ ନିକଟ ଦେଇ ଯାଉଥିଲେ ପଚାରୁଥିଲେ ଯେ ଇଏ କିଏ ? ଲୋକମାନେ ତାଙ୍କୁ କହୁଥିଲେ କି ଏ ହେଉଛି ତୁମର ଭାଇ, ତୁମର ସ୍ୱାମୀ ଓ ତୁମର ପୁତ୍ର କିନ୍ତୁ ସେଥିପ୍ରତି ଭ୍ରୁକ୍ଷେପ ନ କରି ସେ ପଚାରୁଥିଲେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କେମିତି ଅଛନ୍ତି ତାଙ୍କର ଖବର କଣ ? ଲୋକମାନେ ଉକ୍ତ ମହିଳାଙ୍କୁ କହିଲେ ହଜୁର ସ:ଆ:ସ ଆଗରେ ବିରାଜମାନ ଅଛନ୍ତି ଏପରି କି ସେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ହଜୁର ସ:ଆ:ସଙ୍କ ପିନ୍ଧାବସ୍ତ୍ରର କାନୀକୁ ଧରି କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୋର ପିତା, ମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ଯେତେବେଳେ ଆପଣ ସୁସ୍ଥ ଓ ନିରାପଦ ଅଛନ୍ତି ସେତେବେଳେ ମୋର ଆଉ କୌଣସି ଦୁଃଖ ନାହିଁ ଓ ମୋର କୌଣସି ବିଷୟରେ ଚିନ୍ତା କରିବାର ଆବଶ୍ୟକ ନାହିଁ ।

*(ମଜ୍‌ମୁଅଜ୍ ଜୱାଇଦ୍ ଖଣ୍ଡ-୬, ପୃ-୧୨୦....ବେରୁତ ୨୦୦୧)*

ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅ ଖଲିଫା ହେବାର ଦୁଇ ତିନିବର୍ଷ ପୂର୍ବରୁ ଏକ ଜଲ୍‌ସା ସାଲାନାର ଅବସରରେ ହଜୁର ସ:ଆ:ସଙ୍କ ଜୀବନୀ ଓ ଯୁଦ୍ଧ ପ୍ରସଙ୍ଗରେ ଭାଷଣ ଦେଇ କହିଥିଲେ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ସମ୍ପର୍କରେ ଏକ ରିୱାୟତ୍ ବର୍ଣ୍ଣନା କରି କହିଲେ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ଭଗିନୀ କହିଲେ, ମୁଁ ହଜୁର ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀତ ଓ ନତମସ୍ତକ ତାଙ୍କର ଭାଇ ଏହି ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କଲେ, ସ୍ୱାମୀ ବୀରଗତି ପ୍ରାପ୍ତ କରିଥିଲେ ଏବଂ ପୁତ୍ର ମଧ୍ୟ ବୀରଗତି ପ୍ରାପ୍ତ କରିଥିଲେ କିନ୍ତୁ ହଜୁର ସ:ଆ:ସ ସୁରକ୍ଷିତ ଥିବାର ସମାଚାରରେ ସେ ଆନନ୍ଦିତ ଏବଂ ତାଙ୍କ ଆତ୍ମିୟମାନଙ୍କ ମୃତ୍ୟୁ ଯୋଗୁଁ ହୋଇଥିବା ସେହି ସମସ୍ତ ଦୁଃଖ ଯନ୍ତ୍ରଣା ଓ କଷ୍ଟକୁ ସେ ସହ୍ୟ କରିନେଇଥିଲେ । ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି, ଯୁଦ୍ଧଭୂମିର ପରିସ୍ଥିତି ବିଷୟରେ ଜାଣିବାପାଇଁ ମୁଁ ମଦିନାରୁ ବାହାରକୁ ବାହାରିଲେ ଏବଂ ରାସ୍ତାରେ ମତେ ଉମ୍‌ରୋ ବିନ୍ ଜମୁହ୍ ର:ଅଙ୍କ ପତ୍ନୀ ହିନ୍‌ଦ ଏକ ଓଟରେ ଦଉଡ଼ି ଧରି ମଦିନା ଆଡ଼କୁ ଯାଉଥିବାର ମିଳିଲେ, ମୁଁ ତାଙ୍କୁ ପଚାରିଲି ଯେ, ଯୁଦ୍ଧ ଭୂମିର କିଛି ଖବର ତୁମ ନିକଟରେ ଅଛି ଯଦି କୁହ । ଉକ୍ତ ମହିଳାଜଣକ ଉତର ଦେଲା ଅଲ୍‌ହମ୍‌ଦୁଲ୍ଲିଲାଃ ସବୁ ଠିକ୍‌ଠାକ୍ ଅଛି । ହଜୁର ସ:ଆ:ସ ସକୁଶଳ ଅଛନ୍ତି । ସେହି ମୁହୁର୍ତ୍ତରେ ମୋର ଓଟ ଉପରେ ଦୃଷ୍ଟି ପଡ଼ିଲା ସେହି ଓଟ ଉପରେ କିଛି ଲଦା ହୋଇଥିଲା । ସେ କହିବାକୁ ଲାଗିଲେ ଏ ମୋର ସ୍ୱାମୀ ଉମ୍‌ରୋ ବିନ୍ ଜମୁହଙ୍କର ଶବ ଏବଂ ଏହା ମୋ ଭାଇ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ଏବଂ ଇଏ ହେଉଛି ମୋ ପୁତ୍ର ଖଲାଦ୍‌ଙ୍କର ଶବ । ଏହା କହି ମଦିନା ଅଭିମୁଖେ ଯିବାପାଇଁ ପ୍ରସ୍ତୁତ ହେବାକୁ ଲାଗିଲେ କିନ୍ତୁ ଓଟ ସେହିଠି ବସିପଡ଼ିଲା ଏବଂ କୌଣସି ମତେ ସେ ଉଠିବାକୁ ପ୍ରସ୍ତୁତ ନଥିଲା । ପରିଶେଷରେ ଯେତେବେଳେ ସେ ଉଠିଲା ସେତେବେଳେ ମଦିନା ଅଭିମୁଖେ ଯିବାକୁ ଅସ୍ୱୀକାର କରିଦେଲା ତେଣୁ ମହିଳାଜଣକ ଓଟ ମୁହଁରେ ବନ୍ଧା ହୋଇଥିବା ଦଉଡ଼ିକୁ ଓ୍ୱହଦ୍ ରଣଭୂମି ଆଡ଼କୁ ମୋଡ଼ିଦେଲେ ସେ ଆନନ୍ଦ ସହକାରେ ଚାଲିବାକୁ ଲାଗିଲା ଅର୍ଥାତ ଓଟଟି ଓ୍ୱହଦ୍ ଅଭିମୁଖେ ବାହାରି ପଡିଲା । ଏପଟେ ଏହି ଘଟଣାଟି ଘଟୁଥିଲା ଯେ ଉକ୍ତ ମହିଳାର ହଜୁର ସ:ଆ:ସଙ୍କ ପ୍ରତି ପ୍ରେମ ଅନୁରାଗ କିଭଳି ପ୍ରକାଶ ପାଉଥିଲା । ଅପରପକ୍ଷରେ ହଜୁର ସ:ଆ:ସ ସାହାବାମାନଙ୍କୁ କହୁଥିଲେ ଯେ ଯାଅ ଉମ୍‌ରୋ ବିନ୍ ଜମୁହ୍, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ଶବକୁ ଖୋଜି ବାହାରକର କାରଣ ସେମାନଙ୍କର ଶବକୁ ଏକତ୍ରଭାବରେ କବର ଦିଆଯିବ କାରଣ ସେମାନେ ଏହି ସଂସାରରେ ମଧ୍ୟ ପରସ୍ପରକୁ ଭଲପାଉଥିଲେ ।

*(ଖୁତ୍‌ବାତେ ତାହେର୍, ତକ୍‌ରିର୍ ଜଲ୍‌ସା ସାଲାନା ୧୯୭୯, ପୃ-୩୫୦-୩୫୧)*

ହଜୁର ସ:ଆ:ସଙ୍କୁ ମଧ୍ୟ ସେହି ଦୁଇ ସାହାବାଙ୍କର ବହୁତ ଚିନ୍ତା ଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଓ୍ୱହଦ୍ ଯୁଦ୍ଧ ପାଇଁ ବାହାରିବାପାଇଁ ଇଚ୍ଛା ପ୍ରକାଶ କଲେ । ସେତେବେଳେ ନିଜର ପୁତ୍ର ଜାବିର୍‌ଙ୍କୁ ଡ଼ାକିଲେ ଏବଂ କହିଲେ, ହେ ମୋର ପୁତ୍ର ! ମୁଁ ଏହା ଦେଖୁଅଛି ଯେ ମୁଁ ସର୍ବପ୍ରଥମେ ବୀରଗତି ପ୍ରାପ୍ତ କରୁଅଛି ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ନିଜ ପଛରେ ହଜୁର ସ:ଆ:ସଙ୍କ ଭଳି ଅସ୍ତିତ୍ୱ ବ୍ୟତିତ ଅନ୍ୟ କାହାରିକୁ ଛାଡ଼ି ଯାଉନାହିଁ ଯେ କି ମୋର ଅତି ପ୍ରୀୟ ଅଟନ୍ତି ମୋର କିଛି ଋଣ ରହିଛି ତେଣୁ ତୁମେ ମୋ ପଟୁ ତାହାକୁ ପରିଶୋଧ କରିଦେବ । ମୁଁ ତୁମକୁ ତୁମ ଭଉଣୀମାନଙ୍କ ସହିତ ସଦ୍‌ବ୍ୟବହାର ପଦର୍ଶନ କରିବାକୁ ଓ୍ୱସିୟତ କରୁଅଛି । ହଜ୍‌ରତ୍ ଜାବିର୍ ର:ଅ ବର୍ଣ୍ଣନା କରନ୍ତି ଆସନ୍ତା ସକାଳ ମୋର ପିତା ସର୍ବପ୍ରଥମେ ବୀରଗତି ପ୍ରାପ୍ତ କଲେ ଏବଂ ଶତୃମାନେ ତାଙ୍କର ନାଶା ଓ କର୍ନ୍ନ ଦ୍ୱୟକୁ ଛେଦ କରିଦେଇଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୩୪୪.....ବେରୁତ)*

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ କୁହନ୍ତି ହଜୁର ସ:ଆ:ସ ଯେତେବେଳେ ଓ୍ୱହଦ୍‌ର ଶୋହଦାଙ୍କୁ କବର ଦେବାଲାଗି ଆସିଲେ ସେତେବେଳେ କହିଲେ ଏହି ଶହୀଦ୍‌ମାନଙ୍କୁ ତାଙ୍କ କ୍ଷତ ସମେତ କଫନ ପିନ୍ଧାଇ ଦିଅ କାରଣ ମୁଁ ସେମାନଙ୍କ ଆଗରେ ସାକ୍ଷ୍ୟ ସ୍ୱରୁପ ବିଦ୍ୟମାନ ଅଛି ଏପରି କୌଣସି ମୁସଲମାନ ନାହିଁ ଯିଏ କି ଅଲ୍ଲାଃ ତାଲାଙ୍କ ମାର୍ଗରେ ଆହତ ହେବନାହିଁ କିନ୍ତୁ ସେହି ଆହତମାନେ ପ୍ରଳୟ ଦିବସ ଦିନ ଏହିରୂପେ ସସମ୍ମୁଖରେ ଚାଲି ଆସିବେ ସେମାନଙ୍କର ରକ୍ତ କ୍ଷରିତ ହେଉଥିବ ଏବଂ ସେହି ରକ୍ତର ରଙ୍ଗ କେଶର ପରି ହୋଇଥିବ ଏବଂ ତାହାର ସୁଗନ୍ଧ କସ୍ତୁରି ସୁଗନ୍ଧ ପରି ସୁବାଶିତ ହେଉଥିବ । ଅର୍ଥାତ ଏମାନେ ସମସ୍ତେ ଅଲ୍ଲାଃଙ୍କର ପ୍ରିୟ ଲୋକ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିବେ ଏମାନଙ୍କୁ କେହି ସ୍ନାନ କରାଇବେ ନାହିଁ ଏମାନଙ୍କୁ କୌଣସି କଫନ ଦେବାର ଆବଶ୍ୟକତା ପଡ଼ିବନାହିଁ । ସେମାନଙ୍କର ପରିଧାନ ଥିବା ବସ୍ତ୍ର ହିଁ ସେମାନଙ୍କର କଫନ ହେବ ।

ହଜ୍‌ରତ୍ ଜାବି୍‌ର ର:ଅ କୁହନ୍ତି, ମୋର ପିତାଙ୍କୁ ଏକ ଚାଦରରେ କଫନ ଦିଆଯାଇଥିଲା ଏବଂ ଯେତେବେଳେ ଏହି ଶହୀଦ୍‌ମାନଙ୍କୁ କବର ଦିଆଯାଇଥିଲା ସେତେବେଳେ ହଜୁର ସ:ଆ:ସ କହିଲେ, ଏହି ଶହୀଦମାନଙ୍କ ମଧ୍ୟରୁ ସବୁଠୁ ବେଶି କିଏ କୋରାନ୍ ଜାଣିଛି ? ସେତେବେଳେ କୁହାଗଲା ଯେ ଅମୁକଜଣକ ଅର୍ଥାତ ଜଣେ ବ୍ୟକ୍ତିକୁ ଇଙ୍ଗିତ କରି କୁହାଗଲା ଯେ, ଇଏ ଅଧିକ କୋରାନ୍ ଜାଣନ୍ତି । ସେତେବେଳେ ହଜୁର ସ:ଆ:ସ ନିର୍ଦ୍ଦେଶ ଦେଲେ ଯେ, ଉକ୍ତ ବ୍ୟକ୍ତିକୁ ତାଙ୍କ ସାଥିମାନଙ୍କ ପୂର୍ବରୁ କବର ମଧ୍ୟକୁ ଓହ୍ଲାଇ ଦିଆଯାଉ । ଅର୍ଥାତ ଯେ, କୋରାନ୍‌ରେ ବିଜ୍ଞ ଥିଲେ ପ୍ରଥମେ ସେହି ବ୍ୟକ୍ତିକୁ କବର ଦିଆଯାଉ ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଓ୍ୱହଦ୍ ଯୁଦ୍ଧ ଦିନ ସର୍ବପ୍ରଥମେ ବୀରଗତି ପ୍ରାପ୍ତ କରିଥିଲେ । ଯେପରିକି ମୁଁ ପୂର୍ବେ କହିଆସିଲି । ସେତେବେଳେ ଲୋକମାନଙ୍କ ମଧ୍ୟରେ ଏହିକଥା ଚାଲିଥିଲା କି ସର୍ବପ୍ରଥମେ ଶହୀଦ ହୋଇଥିବା ବ୍ୟକ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଅଟନ୍ତି । ସୁଫିୟାନ୍ ବିନ୍ ଅବ୍‌ଦୁସ୍‌ମ୍‌ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କୁ ଶହୀଦ କରିଥିଲା । ସୁତରାଂ ହଜୁର ସ:ଆ:ସ ପରାଜୟ ପୂର୍ବରୁ ହିଁ ତାଙ୍କର ନମାଜ ଯନାଜାଃ ପଢ଼ାଇଥିଲେ ଅର୍ଥାତ ଦ୍ୱିତୀୟଥର ଯେତେବେଳେ ଶତୃପକ୍ଷ ମୁସଲମାନ ଉପରକୁ ଆକ୍ରମଣ କରିଥିଲା ତାହା ପୂର୍ବରୁ ହିଁ ତାଙ୍କର ନମାଜ ଯନାଜାଃ ପଢ଼ାଇ ସାରିଥିଲେ ଏବଂ କହିଲେ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଓ ଉମ୍‌ରୋ ବିନ୍ ଜମୁହ୍ ର:ଅଙ୍କୁ ଗୋଟିଏ କବର ଭିତରେ କବର ଦିଆଯାଉ କାରଣ ଏମାନଙ୍କ ମଧ୍ୟରେ ପାରସ୍ପରିକ ଆନ୍ତରିକତା ଓ ପ୍ରେମ ବେଶ୍ ନିବିଡ଼ ରହିଥିଲା ସେହିପରି ହଜୁର ସ:ଆ:ସ କହିଲେ, ଏମାନେ ଏହି ସଂସାରରେ ପରସ୍ପର ପ୍ରତି ଆନ୍ତରିକତା ଅନୁରାଗ ପ୍ରଦର୍ଶନ କରିଥିଲେ ତେଣୁ ଏମାନଙ୍କୁ ଗୋଟିଏ କବରରେ ହିଁ କବର ଦିଆଯାଉ ଏକଥା ହଜୁର ସ:ଆ:ସ କହିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ଶରୀରର ରଙ୍ଗ ଲାଲ୍ ଥିଲା ଏବଂ ତାଙ୍କ ମୁଣ୍ଡର ଅଗ୍ରଭାଗ ଉପରେ କେଶ ନଥିଲା ଉଚ୍ଚତା ଅଧିକ ନଥିଲା ଏହାର ଅପରପକ୍ଷରେ ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍ ର:ଅ ଅଧିକ ଉଚ୍ଚତା ସମ୍ପନ୍ନ ବ୍ୟକ୍ତି ଥିଲେ ତେଣୁ ଉଭୟଙ୍କ ଶବକୁ ଚିହ୍ନଟ କରିବାରେ କୌଣସି ଅସୁବିଧା ନଥିଲା ଏହି ଦୁହିଁଙ୍କୁ ଗୋଟିଏ କବରରେ କବର ଦିଆଯାଇଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୨୪............ ବେରୁତ ୨୦୧୨)*

ତାଙ୍କ ଜୀବନୀର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ବର୍ଣ୍ଣନା କରିବି ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ମହାନ୍ ମୁସଲମାନ ବୈଜ୍ଞାନିକ ଓ ସ୍କଲାର ମାନଙ୍କର ଏକ ନୂତନ ସକାଳ ଉଦୟ ହେବାପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ସେଥିଯୋଗୁଁ ନିଜ ଯମାତ୍‌ରେ ଜ୍ଞାନ କ୍ଷେତ୍ରରେ ଉଚ୍ଚ ସଫଳତା ହାସଲ କରିଥିବା ଲୋକମାନଙ୍କୁ ସ୍ୱର୍ଣ୍ଣପଦକ ଦେବାର ପ୍ରଥାକୁ ଆରମ୍ଭ କରିଛନ୍ତି । ସୁତରାଂ ପ୍ରତିବର୍ଷ ଶହ ଶହ ଅହେମଦୀ ମୁସଲମାନ ପୁଅ ଓ ଝିଅମାନଙ୍କୁ ସ୍ୱର୍ଣ୍ଣପଦକ ଦିଆଯାଉଅଛି । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆମେ ଏକଥା ବୁଝୁଛୁ ଯେ, ଆର୍ଥିକ ସ୍ତରରେ ପଛୁଆ ଦେଶଗୁଡ଼ିକ ବାସ୍ତବିକ ଗରିବିରେ ଘେରି ହୋଇ ରହିଛନ୍ତି ତେଣୁ ସେହି ଗରିବିକୁ ଶେଷ କରିବାପାଇଁ ଶିକ୍ଷା ଯୋଗାଇ ଦେବା ବହୁତ ଆବଶ୍ୟକ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମକୁ ଏ ଶିକ୍ଷା ରସୁଲେ୍ କରିମ୍ ସ:ଆ:ସ ଦେଇଛନ୍ତି ସେଥିରେ ଆପଣ ସ:ଆ:ସ ବତାଇଛନ୍ତି ଯେ, ଆଧ୍ୟାତ୍ମିକ ଉନ୍ନତି ମାନବସେବା ସହିତ ଏକ ଗଭୀର ସମ୍ପର୍କ ରଖିଛି ତେଣୁ ଜଣେ ମୁସଲମାନ କେବଳ ଅଲ୍ଲାଃ ତାଲାଙ୍କ ଉପାସନା ଏବଂ ନମାଜ ଜରିଆରେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ପ୍ରାପ୍ତ କରିପାରିବ ନାହିଁ । ବରଂ ଈଶ୍ୱରଙ୍କ ପ୍ରସନ୍ନତା ଲାଭ କରିବାପାଇଁ ସେ ମାନବ ସମାଜର ମଧ୍ୟ ସେବାକରୁ । ଅତଏବ ପବିତ୍ର କୋରାନ୍‌ର ସୁରାଃ ଅଲ୍‌ବଦର୍ ର ଆୟତ ନଂ ୧୫ ରୁ ୧୭ ରେ ମୁସଲମାନମାନଙ୍କୁ ଗରିବି ଏବଂ କ୍ଷୁଦ୍ଧା ନିବାରଣ କରିବାପାଇଁ, ଅନାଥମାନଙ୍କର ଆବଶ୍ୟକତା ପୂରଣ କରିବାପାଇଁ ତଥା ଅସହାୟ ଓ ଗରିବ ପିଲାମାନଙ୍କୁ ଶିକ୍ଷା ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ଯଦ୍ୱାରା ଏହିଭଳି ଲୋକମାନଙ୍କୁ ମଧ୍ୟ ଆଗକୁ ବଢ଼ିବାପାଇଁ ଅବସର ମିଳିବ । ଅହେମଦୀୟା ମୁସ୍‌ଲିମ୍ ଯମାତ୍ ସାରା ଦୁନିଆରେ ଏହି ଶିକ୍ଷା ଉପରେ ଯଥାସମ୍ଭବ ପରିଚାଳିତ । ଆମର ଏ ବିଶ୍ୱାସ ରହିଛି ଯେ, ଇସ୍‌ଲାମ୍ ହେଉଛି ପ୍ରେମ ଓ ଭଲ ପାଇବାର ଧର୍ମ ତେଣୁ ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ମାନବ ସମାଜର ସେବା କରୁଅଛୁ । ଏହି କାରଣ ଯୋଗୁଁ ଆଫ୍ରିକୀୟ ଦେଶଗୁଡ଼ିକରେ ଥିବା ଗରିବ ଇଲାକାଗୁଡ଼ିକରେ ଓ ଦୁରଦୁରାନ୍ତ ଅପହଂଚ ଇଲାକାରେ ଆମେ ପ୍ରାଇମେରୀ ଓ ସେକେଣ୍ଡାରୀ ସ୍କୁଲ୍‌ମାନ ସ୍ଥାପନ କରିଛୁ ଏବଂ ସେହି ଇଲାକାଗୁଡ଼ିକରେ ଆମେ ଡ଼ାକ୍ତରଖାନା ଓ କ୍ଲିନିକ ମଧ୍ୟ ଖୋଲିଛୁ । ଦୁରଦୁରାନ୍ତ ଦେହାତି ଇଲାକାଗୁଡ଼ିକରେ ଆମେ ସେମାନଙ୍କ ପିଇବା ପାଇଁ ସୁଦ୍ଧ ପାନୀୟଜଳ ଯୋଗାଇ ଦେଉଅଛୁ ଏହାର ଅର୍ଥ ହେଉଛି ସେମାନଙ୍କ ପିଲାମାନେ ଦିନ ତମାମ ମାଇଲ ମାଇଲ ଦୁରତା ଅତିକ୍ରମ କରି ଘରେ ବ୍ୟବହାର କରିବା ନିମନ୍ତେ ଜଳାଶୟରୁ ପାଣି ଭରି ଆଣିବା ପରିବର୍ତେ ଏ ସୁବିଧା ପାଇ ସ୍ୱାଧିନଭାବେ ସ୍କୁଲ୍ ଯାଇପାରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମେ ମଡ଼େଲ୍ ଭିଲେଜ୍ ନିର୍ମାଣ କରିବାପାଇଁ ଯୋଜନା ମଧ୍ୟ ଆରମ୍ଭ କରିଦେଇଛୁ ସେଥିରେ କମ୍ୟୁନିଟି ହଲ୍‌ରୁ ନେଇ ଶୁଦ୍ଧପାଣି, ସୌରଶକ୍ତି, ଇନ୍‌ଫ୍ରାଷ୍ଟ୍ରକଚର ଏବଂ ଅନ୍ୟାନ୍ୟ ସୁବିଧାମାନ ଯୋଗାଇ ଦିଆଯାଉଛି । ଏହି ସମସ୍ତ ସୁବିଧା ସୁଯୋଗ ସ୍ଥାନିୟ ଲୋକମାନଙ୍କୁ ଅର୍ଥାତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଯୋଗାଇ ଦିଆଯାଉଅଛି । ଏ କାର୍ଯ୍ୟ କରିବାପାଇଁ ଆମ ଧର୍ମ ଆମକୁ ପ୍ରୋତ୍ସାହିତ କରୁଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେଉଁଠି ଆମେ ମାନବଜାତିର ସହାନୁଭୁତିକୁ ଆଖି ଆଗରେ ରଖି ଗରୀବିକୁ ଶେଷ କରିବାକୁ ଚେଷ୍ଟା କରୁଅଛୁ ସେଠାରେ ଆମେ ଏହା ମଧ୍ୟ ବୁଝୁଛୁ ଯେ, ଏହି ସହାନୁଭୁତି ଦୁନିଆରେ ସ୍ଥାୟୀ ଶାନ୍ତି ପାଇଁ ଏକ ଚାବି ସଦୃଶ ଯଦି ଲୋକମାନଙ୍କ ନିକଟରେ ଖାଇବା ପାଇଁ ଖାଦ୍ୟ, ପିଇବା ପାଇଁ ପାଣି, ରହିବାପାଇଁ ଜାଗା, ପିଲାମାନଙ୍କ ପାଇଁ ସ୍କୁଲ ଏବଂ ଚିକିତ୍ସାର ସୁବିଧା ମିଳିବ ତେବେ ଲୋକମାନେ ନିଜର ଜୀବନକୁ ଶାନ୍ତିପୂର୍ଣ୍ଣ ଭାବରେ ବଂଚିପାରିବେ । ନିରାଶା ଏବଂ ଘୃଣାଭାବ ଯାହା ସେମାନଙ୍କୁ ଚରମପନ୍ଥୀ କାର୍ଯ୍ୟକଳାପ ଆଡ଼କୁ ଟାଣି ନେଉଛି ସେଥିରୁ ସେମାନେ ବଂଚିଯିବେ । ଏହା ସବୁ ହେଉଛି ମାନବଜାତିର ମୂଳ ଅଧିକାର ତେଣୁ ଯେପର୍ଯ୍ୟନ୍ତ ଆମେମାନେ ଲୋକମାନଙ୍କର ଜୀବନକୁ ଗରିବରୁ ମୁକ୍ତ ନ କରିଛୁ ସେ ପର୍ଯ୍ୟନ୍ତ ଆମେ ଦୁନିଆରେ ପ୍ରକୃତ ଶାନ୍ତିକୁ ଦେଖିପାରିବା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଶେଷରେ ମୋର ଏ ଆନ୍ତରିକା ପ୍ରାର୍ଥନା ଯେ, ଏ ମାନବ ସମାଜ ଲୋଭ ଏବଂ ସ୍ୱାର୍ଥପରତାକୁ ପରିତ୍ୟାଗ କରି ଏ ଦୁନିଆରେ ଦୁଃଖି ଜନମାନଙ୍କର ଦୁଃଖ କଷ୍ଟକୁ ଦୂର କରିବାପାଇଁ ଧ୍ୟାନ ଦେଉ । ଏତିକି କହି ମୁଁ ଆଉ ଏକବାର ଆପଣ ସମସ୍ତଙ୍କୁ ଆଜି ସଂନ୍ଧ୍ୟାରେ ଏଠାରେ ଆସିଥିବା ଯୋଗୁଁ ଧନ୍ୟବାଦ ଜଣାଉଛି ବହୁତ ବହୁତ ଧନ୍ୟବାଦ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଅଭିଭାଷଣ ୭:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ(ନୀରବ ପ୍ରାର୍ଥନା) କରାଇଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣପରେ ସେଠାରେ ଉପସ୍ଥିତ ଥିବା ଅତିଥିମାନେ ବହୁ ସମୟ ପର୍ଯ୍ୟନ୍ତ ତାଳି ବଜାଉଥିଲେ ତା'ପରେ ଅତିଥିମାନେ ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଆସି ଫଟୋ ଉଠାଇଲେ ଏବଂ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ଅତିଥିମାନଙ୍କ ସହିତ କଥା ମଧ୍ୟ ହେଉଥିଲେ ।

ଏହି ସଭାପରେ ଅତିଥିମାନଙ୍କ ପାଇଁ ଜଳଖିଆର ବ୍ୟବସ୍ଥା କରାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ମଧ୍ୟ ସେହି ସ୍ଥାନକୁ ଆସିଲେ ଓ ସେଠାରେ ମଧ୍ୟ ଅତିଥିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଆସି ଫଟୋ ଉଠାଉଥିଲେ ଏବଂ ହଜୁର ଅନଓ୍ୱର ଅ:ବ:ଅ ସେମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ କଥା ହେଉଥିଲେ । ଏଠାରେ ଅଧଘଂଟା ପର୍ଯ୍ୟନ୍ତ ହଜୁର ଅନଓ୍ୱର ଅ:ବ:ଅ ଅତିଥିମାନଙ୍କ ସହିତ ଉପସ୍ଥିତ ରହିଲେ ।

ଠିକ୍ ୮ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଆମ ମିଶନ ହାଉସ୍ ଦାରୁସ୍ ସଲାମ୍ (Saint Prix) ନିମନ୍ତେ ଯାତ୍ରା ଆରମ୍ଭ କଲେ ଓ ପାଖାପାଖି ୪୫ ମିନିଟ ଯାତ୍ରା କରିବା ପରେ ଠିକ୍ ୮:୪୫ ମିନିଟରେ ମିଶନ୍ ହାଉସ୍‌ରେ ପହଂଚିଲେ । ଠିକ୍ ୯:୧୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମୁବାରକ୍‌ରେ ପହଂଚି ମଗ୍‌ରିବ ଏବଂ ଇଶା ନମାଜ ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅଙ୍କର ଆଜିକାର ଭାଷଣଟି ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି କିଛି ଅତିଥି ସେମାନଙ୍କର ମନୋଭାବକୁ ଖୋଲାଖୋଲି ଭାବେ ପ୍ରକାଶ କଲେ ।

ଯୋବୋନେ ର ମେୟର Grigoire Dubinot ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯମାତ୍ ଅହେମଦୀୟାର ଇମାମ୍ ହେଉଛନ୍ତି ଜଣେ ଉଚ୍ଚକୋଟୀର ବ୍ୟକ୍ତିତ୍ୱ ଓ ସେ ବଡ଼ ସହାନୁଭୂତିଶୀଳ ତାଙ୍କ ଭାଷଣ ବହୁତ ଲାଭଜନକ ଏବଂ ତାହା ବିଷୟରେ ଚିନ୍ତା କରିବାପାଇଁ ବାଧ୍ୟ କରିଥାଏ ଏହା ଯମାତ୍ ଅହେମଦୀୟା ଇମାମ୍‌ଙ୍କର ବୁଦ୍ଧିମତାକୁ ପ୍ରମାଣିତ କରୁଅଛି ତାଙ୍କ ଭାଷଣରୁ ମାନବଜାତି ପ୍ରତି ଥିବା ସହାନୁଭୂତିଶୀଳତାର ଝଲକ ଥିଲା ।

ମାଲି ଦେଶରୁ ୟୁନେସ୍କୋର ଆମ୍ବାସେଡ଼ର୍ ଉମର୍ କାଇକା ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯମାତ୍ ଅହେମଦୀୟାର ଇମାମ୍ ହେଉଛନ୍ତି ଶାନ୍ତିର ପ୍ରତିକ ଏବଂ ୟୁନେସ୍କୋ ହେଉଛି ଏପରି ଏକ ସୁନ୍ଦର ସ୍ଥାନ ଯେଉଁଠି ଶାନ୍ତି ସମ୍ବନ୍ଧରେ ବାର୍ତାଳାପ ହୋଇପାରେ ଏହି ଶାନ୍ତିକୁ ଆମେମାନେ ସାରା ଦୁନିଆରେ ପ୍ରଚାର ପ୍ରସାର କରିବା ଉଚିତ ।

ଯମାତ୍ ଅହେମଦୀୟା ଆମ ଦେଶ ମାଲିରେ ୧୯୮୭ ମସିହାରୁ ଅଛି ଏବଂ ଆମ ଦେଶର ଉନ୍ନତି ନିମନ୍ତେ ବହୁତ କାମ କରୁଅଛି ଏବଂ ବନ୍ଧୁତ୍ୱ ପୂର୍ଣ୍ଣ ଶୈଳୀରେ ଆମ ଜାତି ସହିତ ମିଶି କାମ କରୁଅଛି ।

ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ସାକ୍ଷାତ କରି ବହୁତ ଖୁସି ଲାଗିଲା । ସେ ଜଣେ ଦୂରଦ୍ରଷ୍ଟା ସମ୍ପର୍ଣ୍ଣ ବ୍ୟକ୍ତି ବିଶେଷ ଏବଂ ଶାନ୍ତି ସ୍ଥାପନ ପାଇଁ ଚେଷ୍ଟିତ ଏବଂ ଏହା ହେଉଛି ସେହି ଜିନିଷ ଯାହାର ଆବଶ୍ୟକତା ମୁସଲମାନମାନଙ୍କ ନିମନ୍ତେ ରହିଛି । ଆର୍ନ୍ତଜାତିକ ନ୍ୟାୟ ଏବଂ ସୌହାର୍ଦ୍ଦ୍ୟର ଯେଉଁ ଛବି ଇମାମ୍ ଯମାତ୍ ଉପସ୍ଥାପନ କରୁଛନ୍ତି ଏ ପୃଥିବୀବାସୀଙ୍କୁ ଏହାର ଭିଷଣ ଆବଶ୍ୟକ ରହିଛି ।

ଫ୍ରାନ୍ସ ଦେଶରେ ମାଲି ଦେଶ ସହିତ ସମ୍ପର୍କ ରଖିଥିବା କ୍ୟାଥୋଲିକ୍ ଲୋକମାନଙ୍କର ଆସୋସିଏଶନ୍‌ର ସଭାପତି Guillaume Diallo ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ପୂର୍ବରୁ ଅହେମଦୀମାନଙ୍କ ବିଷୟରେ ଜାଣିଥିଲି ସବୁଧର୍ମର ଲୋକମାନେ ଏହି ବାର୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାଇବା ଉଚିତ । ଆମେ ମଧ୍ୟ ସେହି ଶାନ୍ତିର ବାର୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାଉଛୁ । ଆମେ ମଧ୍ୟ Inter Religious Dialogue ପାଇଁ ଚେଷ୍ଟିତ ।

ଯଦି ଦୁନିଆରେ ଏପରି ଇସ୍‌ଲାମ୍ କାଏମ୍ ହେବ ଯେଉଁ ଇସ୍‌ଲାମ୍ ସମ୍ବନ୍ଧରେ ଇମାମ୍ ଯମାତ୍ ଅହେମଦୀୟା ତଥ୍ୟ ଉପସ୍ଥାପନ କରୁଅଛି ତେବେ ଦୁନିଆରେ ସବୁ ଅସୁବିଧା ଶେଷ ହୋଇଯିବ । ଯେତେବେଳେ ଅନ୍ୟମାନଙ୍କ ଭାବନାକୁ ସମ୍ମାନ ଦିଆଯିବ ସେତେବେଳେ ସବୁଆଡ଼େ ଶାନ୍ତି ସ୍ଥାପନ ହୋଇପାରିବ । ତେଣୁ ଆପୋଷରେ ଜଣେ ଅନ୍ୟଜଣକୁ ବିଶ୍ୱାସ କରିବା ବହୁତ ଆବଶ୍ୟକ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜ ଧର୍ମରେ ତିଷ୍ଠି ରହିଛି କିନ୍ତୁ ଆମର ଗୋଟିଏ ସମାନ୍ ଆସ୍ଥା ରହିଛି ତାହା ହେଉଛି ଅଲ୍ଲାଃ ତାଲାଙ୍କ ପ୍ରସ୍ତୁତ ।

ନାଟୋ ମେମୋରିଆଲ୍‌ର ସଭାପତି

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

Mr. Brenton କହୁଛନ୍ତି ଏହି ସଭାରେ ସାମିଲ ହୋଇ ବହୁତ ଖୁସି ଲାଗିଲା । ଏହି ସମ୍ମିଳନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଥିଲା । ଏହା ଦ୍ୱାରା ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଭାଇଚାରା କାଏମ୍ ହୋଇପାରେ । ମୋର ଏ ଆନ୍ତରିକ। ଇଚ୍ଛା ଯେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ବାର୍ତ୍ତାକୁ ଅଧିକରୁ ଅଧିକ ଲୋକ ଶୁଣନ୍ତୁ । ଇମାମ୍ ଯମାତ୍ ଅହେମଦୀୟା ପ୍ରକୃତ ଇସ୍‌ଲାମ୍‌ର କଥା କହୁଛନ୍ତି ଯାହା ଶାନ୍ତି ଓ ଧୈର୍ଯ୍ୟର ଶିକ୍ଷା ଦେଇଥାଏ । ଏହି ବାର୍ତ୍ତା ଚରମପନ୍ଥୀ ଲୋକମାନଙ୍କ କାର୍ଯ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ଯମାତ୍ ଅହେମଦୀୟାର ଇମାମ୍ ଏଠାରେ ଶାନ୍ତିର ବାର୍ତ୍ତାକୁ ଆଗକୁ ବଢ଼ାଇବା ପାଇଁ ବହୁତ ଚେଷ୍ଟା କରୁଛନ୍ତି । ଏହା ଏକ ଜରୁରୀ କାର୍ଯ୍ୟ ତେଣୁ ଆମେ ତାଙ୍କୁ ସାହାଯ୍ୟ କରିବାପାଇଁ ପ୍ରସ୍ତୁତ ଅଛୁ ।

ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଶାନ୍ତି ପ୍ରତିଷ୍ଠା ନିମନ୍ତେ, ଚେଷ୍ଟା କରିବା ଉଚିତ । ଏହି କାର୍ଯ୍ୟ ସବୁ ସ୍ତରରେ କରିବା ଉଚିତ ଏବଂ ତା' ପାଇଁ ନିଜର କାର୍ଯ୍ୟ ନମୁନା ପେଶ୍ କରିବା ଉଚିତ ।

ଫ୍ରାନ୍ସର ଜଣେ ଜନମଙ୍ଗଳ ସଂଘଠନର ନିର୍ଦ୍ଦେଶକ ମଧ୍ୟ ଏ ପ୍ରୋଗ୍ରାମରେ ସାମିଲ ଥିଲେ ସେ ନିଜର ମନୋଭାବ ବ୍ୟକ୍ତି କରି କହୁଛନ୍ତି ଯେ, ଆମ ସଂଘଠନ ଡ଼ାକ୍ତରଖାନାରେ ସେବା କାର୍ଯ୍ୟ ନିମନ୍ତେ ଫଣ୍ଡ ଏକତ୍ରିତ କରିଥାଏ । ମତେ ଏଠାକୁ ଆସିବାପାଇଁ ଜଣେ ଅହେମଦୀ ମହିଳା ନିମନ୍ତ୍ରଣ କରିଛନ୍ତି ଏହି ଅହେମଦୀ ମହିଳା ଜଣକ ଆମର ଏହି ଜନକଲ୍ୟାଣ କାର୍ଯ୍ୟ ନିମନ୍ତେ ବହୁତ ସାହାଯ୍ୟ କରୁଛନ୍ତି । ମତେ ଆପଣଙ୍କ ଖଲିଫାଙ୍କ ସହିତ ମିଶି ବହୁତ ଭଲ ଲାଗିଲା । ଖଲିଫା ଯେଉଁ ଶିକ୍ଷା ସମ୍ବନ୍ଧରେ ଚର୍ଚ୍ଚା କଲେ ତାହା ଅତି ଉତମ ଥିଲା ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜ୍ଞାନ ଆହୋରଣ କରିବାପାଇଁ ସମାନ ମୌକା ଓ ଅବସର ମିଳିବା ଉଚିତ । ହଜୁରଙ୍କର ଏହି ବାର୍ତ୍ତା ଅତି ଗୁରୁତ୍ୱପୂର୍ଣ୍ଣ । ଏତଦ୍‌ବ୍ୟତିତ ପୃଥିବୀକୁ ଏବେ ଶାନ୍ତିର ଆବଶ୍ୟକ ଅଛି ମୋ ମତରେ ଶାନ୍ତି ସ୍ଥାପନ କରିବାପାଇଁ ଅନେକ ମାର୍ଗକୁ ଗ୍ରହଣ କରାଯାଇପାରେ ଓ ଆମେ ସମସ୍ତେ ସେହି କାର୍ଯ୍ୟକୁ କରିବା ନିମନ୍ତେ ନିଜ ନିଜର ଭୂମିକା ଓ ଅବଦାନ ଦେଇପାରିବା ଉଦାହରଣ ସ୍ୱରୁପ ଚାରିଟି କାର୍ଯ୍ୟ କରି, ଆପଣଙ୍କ ପରି ଶାନ୍ତିପୂର୍ଣ୍ଣ ଯମାତ୍ ସହିତ ମିଶି କାମ କରି, ଆପଣମାନେ ଶାନ୍ତି ସ୍ଥାପନ ନିମନ୍ତେ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିରେ ଆମେ ଆପଣମାନଙ୍କୁ ସାହାଯ୍ୟ ଓ ସହଯୋଗ କରି ଏହି ଶାନ୍ତିକୁ ସ୍ଥାପନ କରିବାରେ ଅଂଶିଦାର ହୋଇପାରିବୁ । ଆପଣମାନେ ସ୍କୁଲ୍, ଡ଼ାକ୍ତରଖାନା ଇତ୍ୟାଦି ପ୍ରତିଷ୍ଠା କରୁଛନ୍ତି ପିଇବା ପାଇଁ ଶୁଦ୍ଧ ଜଳ ଯୋଗାଇ ଦେଉଛନ୍ତି ଏହି ସବୁ କାର୍ଯ୍ୟରେ ଆପଣଙ୍କୁ ସାହାଯ୍ୟ କରାଯାଇପାରେ । ଏହା ବହୁତ ଭଲ ପଦକ୍ଷେପ ମତେ ଏହି ସଭାରେ ନିମନ୍ତ୍ରଣ କରିଥିବା ଯୋଗୁଁ ବହୁତ ଧନ୍ୟବାଦ ।

ଫ୍ରାନ୍ସର ଜଣେ ମାନବିକ ଅଧିକାର ଫେଡ଼େରେସନ୍‌ର ସଦସ୍ୟ ମଧ୍ୟ ଏହି ପ୍ରୋଗ୍ରାମରେ ସାମିଲ ଥିଲେ । ସେ ନିଜର ଅଭିମତ ବ୍ୟକ୍ତ କରି କହିଲେ ଯେ, ମୋର ଅନେକ ସାଥି ୟୁରୋପରେ ସଂଘଠିତ ହୋଇ ମାନବିକ ଅଧିକାର ସନ୍ଦର୍ଭରେ କାମ କରୁଛନ୍ତି ମତେ ଏଠାକୁ ଆସି ବହୁତ ଖୁସି ଲାଗିଲା । ଆମ ଟିମ୍‌ରେ ଅଷ୍ଟ୍ରିୟାର ଜଣେ ବନ୍ଧୁ ମଧ୍ୟ ସାମିଲ ଅଛନ୍ତି ଯିଏ ଆପଣଙ୍କ ସହିତ ମଧ୍ୟ କାମ କରୁଛନ୍ତି ତାଙ୍କ ସହିତ ଏଠାରେ ମୋର ସାକ୍ଷାତ ହେଲା । ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ବହୁତ ସୁନ୍ଦର ଓ ସାରଗର୍ଭକ ଥିଲା ଖଲିଫା ବହୁତ ବ୍ୟାଖ୍ୟା କରି ଜ୍ଞାନର ଆବଶ୍ୟକତା ଓ ଜ୍ଞାନକୁ ପ୍ରୋତ୍ସାହିତ କରିବାପାଇଁ ଯେଉଁ ସବୁ ପଦକ୍ଷେପର ଚର୍ଚ୍ଚା କଲେ ତାହା ଜ୍ଞାନର ଇତିହାସରେ ଇସ୍‌ଲାମ୍‌ର ଯେଉଁ ସେବା ରହିଛି ସେ ବିଷୟ ଦର୍ଶାଉଛି । ତାହା ବହୁତ ଜ୍ଞାନବର୍ଦ୍ଧକ ବିଷୟ ଥିଲା । ମୋ ଦୃଷ୍ଟିରେ ଶାନ୍ତି ମଣିଷର ହୃଦୟରୁ ହିଁ ଆରମ୍ଭ ହୋଇଥାଏ, ନିଜ ଘରୁ ହିଁ ଆରମ୍ଭ ହୋଇଥାଏ । ତେଣୁ ଆମ୍ଭେ ନିଜ ପରିବାରର ସଦସ୍ୟମାନଙ୍କୁ ଶିକ୍ଷା ଦେବା ଉଚିତ ।

ସିଟି କାଉନ୍‌ସିଲ୍‌ର ଜଣେ ସଦସ୍ୟ ମଧ୍ୟ ଏହି ପ୍ରୋଗ୍ରାମରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଭିନ୍ନ ଭିନ୍ନ ଜାତି ମଧ୍ୟରେ ଯେଉଁ ମତପାର୍ଥକ୍ୟ ରହିଛି ଓ ଯେଉଁ ବିଭେଦ ରହିଛି ମୁଁ କାଉନ୍‌ସିଲ୍‌ରେ ସେଇ ବିଭାଗର ଖିଲାଫରେ କରାଯାଉଥିବା ବିଭାଗର ଇନ୍‌ଚାର୍ଜ ଅଟେ । ମୁଁ ଖଲିଫାଙ୍କର ଏହି ପ୍ରୋଗ୍ରାମରେ ଯୋଗ ଦେବାପାଇଁ ଆସିଛି । ଆପଣଙ୍କ ଇମାମ୍‌ଙ୍କ କଥା ଶୁଣି ବହୁତ ଭଲ ଲାଗିଲା । ବିଶେଷରୂପେ ଇମାମ୍ ସାହେବ ମହିଳାମାନଙ୍କୁ ସମାନ ଶିକ୍ଷାର ଅବସର ମିଳିବାପାଇଁ ଯେଉଁ କଥା ହେଲେ ତାହା ବହୁତ ଭଲ ଲାଗିଲା ଧର୍ମ ଧର୍ମ ମଧ୍ୟରେ ଆପୋଷ ବୁଝାମଣା ବହୁତ ଜରୁରୀ । ଇମାମ୍ ସାହେବ ଆଫ୍ରିକାର ପଛୁଆ ଅଂଚଳରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧିୟ କାର୍ଯ୍ୟ ଆରମ୍ଭ କରିବାର ଯେଉଁ ପ୍ରୋଜେକ୍ଟଗୁଡ଼ିକ ଅଛି ସେ ବିଷୟରେ ଚର୍ଚ୍ଚା କଲେ । ସାଧାରଣତଃ ଯେତେବେଳେ ଫ୍ରାନ୍ସ ବା ଅନ୍ୟ ଦେଶଗୁଡ଼ିକରେ ଇସ୍‌ଲାମ୍ ବିଷୟରେ ଚର୍ଚ୍ଚା କରାଯାଇଥାଏ ସେତେବେଳେ ବିଭିନ୍ନ ପ୍ରକାରର ସନ୍ଦେହ ଜାତ ହୁଏ ସମାଜରେ ଗୋଟେ ପ୍ରକାରର ଇସ୍‌ଲାମୋଫୋବିୟା ରହିଛି ଏହିଭଳି ପରିସ୍ଥିତିରେ ଇସ୍‌ଲାମ ସମ୍ବନ୍ଧରେ ସକାରାତ୍ମକ କଥା ଶୁଣିବାକୁ ମିଳିଲା । ମତେ ବହୁତ ଖୁସି ଲାଗିଲା । ମୋର ଜଣେ ଅହେମଦୀ ବନ୍ଧୁ ଅଛନ୍ତି ସେଥିଯୋଗୁଁ ମୋର ଏ ଆନ୍ତରିକ ଇଚ୍ଛା ଥିଲା ଯେ, ମୁଁ ଏଠାକୁ ଆସି ଦେଖିବି ଯେ, ଆପଣଙ୍କ ଯମାତ୍ କଣ ଓ ସେ କିପରି କାମ କରୁଛି ତତ୍‌ସହିତ ଆପଣଙ୍କ ସମ୍ବନ୍ଧରେ ଆହୁରି କିଛି ଜ୍ଞାନ ହାସଲ କରିପାରିବି ।

ଆଉ ଜଣେ ବନ୍ଧୁ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଏହା ଏକ ବହୁତ ସୁନ୍ଦର ଅବସର ଥିଲା । ମତେ ଏଠାରେ ବହୁତ କିଛି ଶିଖିବାକୁ ମିଳିଲା । ଖଲିଫା ବହୁତ ସୁନ୍ଦର ଶୈଳୀରେ ଇସ୍‌ଲାମ୍‌ର ସକାରାତ୍ମକ ଛବିକୁ ଉପସ୍ଥାପନ କଲେ ଏବଂ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ, ତଳ ସ୍ତରରୁ କାମ କରି ମଧ୍ୟ ପୃଥିବୀରେ ଶାନ୍ତି ସ୍ଥାପନ କରିବାପାଇଁ ନିଜର କର୍ତବ୍ୟ ସମ୍ପାଦନ କରାଯାଇପାରେ । ଆଫ୍ରିକାରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ବିଷୟରେ ଖଲିଫା ଚର୍ଚ୍ଚା କରିଛନ୍ତି । ଯଦି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ସ୍ଥାନିୟ ରୂପେ, ରିଜିଓନାଲ୍ ରୂପେ ଏବଂ ଜାତିୟ ସ୍ତରରେ ନିଜ ନିଜର ଦାୟିତ୍ୱ ନିର୍ବାହ କରିବେ ତେବେ ଏ ପୃଥିବୀରେ ଶାନ୍ତି ସ୍ଥାପନ କରିବାପାଇଁ ଅବସର ସୃଷ୍ଟି କରିପାରିବା । ପୁରୁଷ ଏବଂ ମହିଳା, ବିଭିନ୍ନ ପ୍ରକାରର ଜାତି ମଧ୍ୟରେ ଆପୋଷ ସମ୍ମାନ ଓ ସହିଷ୍ଣୁତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ମୁଁ ଏହା ଜାଣିନାହିଁ ଯେ, ଆମେ କିପରି ସଫଳ ହେବା କାରଣ ଏ ପୃଥିବୀରେ ଅନେକ ରାଷ୍ଟ୍ର ଏମିତି ଅଛନ୍ତି ଯେଉଁମାନେ ଶାନ୍ତି ବିରୁଦ୍ଧରେ କାମ କରୁଛନ୍ତି ଓ ଲୋକମାନଙ୍କୁ ବାଂଟିବାକୁ ଚାହୁଁଛନ୍ତି ମୋ ମତରେ ସ୍ଥାନିୟ ସ୍ତରରୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଭୁମିକାକୁ ନିର୍ବାହ କରିବାପାଇଁ ଚେଷ୍ଟା କରନ୍ତୁ ଯଦ୍ୱାରା ଏ ଦୁନିଆରେ ଶାନ୍ତି ସ୍ଥାପନ ହୋଇପାରିବ ।

ଆଲେକ୍‌ଜାଣ୍ଡାର ସାହେବ ଏହି ସଭାରେ ଯୋଗ ଦେଇଥିଲେ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ଖଲିଫା ଶାନ୍ତିର ବାର୍ତ୍ତା ଦେଇଛନ୍ତି ଏବଂ ତାଙ୍କର ଏହି ଅଭିଭାଷଣ ସତ୍ୟ ଉପରେ ଆଧାରିତ ଥିଲା ଓ ଖଲିଫା ବହୁତ ଖୋଲାଖୋଲି ଭାବେ ଓ ସ୍ୱଷ୍ଟ ରୂପେ ଏକଥାକୁ ବତାଇ ଦେଇଛନ୍ତି । ମତେ ଲାଗୁଛି ଯେ, ଯମାତ୍ ଅହେମଦୀୟା ଗୁଲାମି (ଦାସତ୍ୱ ପ୍ରଥା)ର ବିଷୟବସ୍ତୁକୁ ସ୍ୱଷ୍ଟ କରିଦେଇଛି । ମୁସଲମାନମାନଙ୍କ ମଧ୍ୟରୁ ଅହେମଦୀମାନେ ହିଁ ଏହି ବାର୍ତ୍ତାକୁ ପେଶ୍ କରିଛନ୍ତି ଯେବେକି ଏମାନେ ଗୋଟିଏ ଛୋଟିଆ ଯମାତ୍ । ଖଲିଫାଙ୍କ ସହିତ ମୋର ସାକ୍ଷାତ ମଧ୍ୟ ହେଲା ଏବଂ ଏହିଭଳି ବ୍ୟକ୍ତି ବିଶେଷ ଦୁନିଆରେ ଆମ ପାଇଁ ଆବଶ୍ୟକ । ଖଲିଫା ଜଣେ ସମ୍ମାନସ୍ୱଦ ବ୍ୟକ୍ତି ଅଟନ୍ତି ଏବଂ ଅତ୍ୟନ୍ତ ବନ୍ଧୁତ୍ୱ ପୂର୍ଣ୍ଣ ଶୈଳୀରେ ମୋ ସହିତ ସାକ୍ଷାତ କଲେ । ମତେ ତାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମିଳିଲା ଏହା ମୋ ପାଇଁ ଏକ ସ୍ମୃତି ଭରା କ୍ଷଣ ଥିଲା ।

ଆଉ ଜଣେ ଅତିଥି Mayine Onfray ସାହେବ ଯିଏ ଥିଙ୍କ ଟ୍ୟାଙ୍କରେ କାମ କରୁଛନ୍ତି, ସେ ନିଜର ମନୋଭବାକୁ ବ୍ୟକ୍ତ କହିଲେ, ୟୁନେସ୍କୋ ଦୃଷ୍ଟିକୋଣରୁ ଖଲିଫତୁଲ୍ ମସିହିଙ୍କ ଅଭିଭାଷଣ ବହୁତ ପର୍‌ଫେକ୍ଟ ଥିଲା । ମୋ ମନରେ ଯାହା କିଛି ଥିଲା ଯେ କାଳେ ଆପଣଙ୍କ ଖଲିଫା ଏହି ବିଷୟବସ୍ତୁ ଉପରେ ଚର୍ଚ୍ଚା କରନ୍ତେ କି, ସେହି ସମସ୍ତ ବିଷୟବସ୍ତୁ ଉପରେ ଖଲିଫା ସାହେବ ଚର୍ଚ୍ଚା କଲେ । ବରଂ ସେ ପୁରୁଣା ଯୁଗରେ ମୁସଲମାନମାନଙ୍କର ଉଚ୍ଚ ଶିକ୍ଷା ବିଷୟରେ ଆମକୁ ଜଣାଇଲେ । ସେହିଭଳି ଅନେକ ବିଷୟବସ୍ତୁ ସମ୍ବନ୍ଧରେ ଏ ପୃଥିବୀକୁ ଶିକ୍ଷା ଦେଲେ ।

ଖଲିଫା ସାହେବ ଇସ୍‌ଲାମୀୟ ଶିକ୍ଷା ଆଧାରରେ ଆମକୁ ବୁଝାଇ ଦେଲେ ଯେ, ଆମେ ଆସନ୍ତାକୁ ନିଜ ସନ୍ତାନମାନଙ୍କ ପାଇଁ କିଭଳି ଏକ ସୁନ୍ଦର ଦୁନିଆ ଛାଡ଼ି ଯାଇପାରିବା । ଖଲିଫାଙ୍କର ଏହି ଅଭିଭାଷଣକୁ ଜବରଦସ୍ତ ଟାଇଟେଲ୍ ସହିତ ପ୍ରକାଶ କରିବା ଉଚିତ ।

ଆଉ ଜଣେ ଅତିଥି Bernard Goddard ସାହେବ କହିଲେ, ଆମକୁ ଟିଭିରେ ଇସ୍‌ଲାମ୍ ସମ୍ବନ୍ଧରେ ଯାହା କିଛି ମଧ୍ୟ ପ୍ରପଗଣ୍ଡା ଦେଖିବାକୁ ମିଳୁଅଛି, ଖଲିଫତୁଲ୍ ମସିହି ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly BADAR Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 03 Dec 2020 Issue No. 49

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

### ୮ ଅକ୍ଟୋବର ୨୦୧୯ (ମଙ୍ଗଳବାର)ର ରିପୋର୍ଟର ବଳକାଅଂଶ

### UNESCO ରେ ହଜୁର ଅନଓ୍ୱର ଅ:ବ:ଅ ପ୍ରଦାନ କରିଥିବା ଅଭିଭାଷଣର ବଳକାଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅଧିକାଂଶ ସମୟ ଏ ଆପତି କରାଯାଉଛି ଯେ, ଇସ୍‌ଲାମ୍ ହେଉଛି ଯୁଦ୍ଧର ଧର୍ମ କିନ୍ତୁ ବାସ୍ତବିକ ଏହା ନୁହେଁ ବରଂ ପବିତ୍ର କୋରାନ୍‌ରେ ଯେଉଁ କଥା ବର୍ଣ୍ଣନା କରାଯାଇଛି ତାହା ହେଉଛି ଏହା କି ମୁସଲମାନମାନଙ୍କୁ ପ୍ରତିରକ୍ଷାମୂଳକ ଯୁଦ୍ଧ କରିବା ନିମନ୍ତେ କେବଳ ଏଥିଯୋଗୁଁ ଅନୁମତି ଦିଆଯାଇଥିଲା ଯେ, ଏହା ଦ୍ୱାରା ସମଗ୍ର ମାନବ ସମାଜର ଧର୍ମୀୟ ସ୍ୱାଧିନତା ଓ ବିକାଶ କରିବାର ସ୍ୱାଧିନତା ପ୍ରତିଷ୍ଠା ହେବ । ପବିତ୍ର କୋରାନ୍ ବର୍ଣ୍ଣନା କରୁଛି ଯେ, ଯଦି ମୁସଲମାନମାନେ ମକ୍କାର କୁଫାର (ଅବିଶ୍ୱାସକାରୀଗଣ)ଙ୍କ ସେନାମାନଙ୍କ ସହିତ ଯୁଦ୍ଧ ନ କରିଥାନ୍ତେ ତେବେ କୌଣସି ଚର୍ଚ୍ଚ, ଗୀର୍ଜାଘର, ମନ୍ଦିର, ମସ୍‌ଜିଦ୍ ତଥା କୌଣସି ମଧ୍ୟ ଧାର୍ମିକ ଅନୁଷ୍ଠାନ ପୀଠ ସୁରକ୍ଷିତ ରହିନଥାନ୍ତା କାରଣ ବିରୋଧିମାନେ ତ' ସବୁପ୍ରକାରର ଧର୍ମକୁ ଶେଷ କରିଦେବାପାଇଁ ଚାହୁଁଥିଲେ । ପ୍ରକୃତ କଥା ହେଉଛି ଏହା କି, ପ୍ରାରମ୍ଭିକ ମୁସଲମାନମାନେ ଯେଉଁ ଯୁଦ୍ଧ କରିଥିଲେ ତାହା ଥିଲା ପ୍ରତିରକ୍ଷାମୂଳକ ଯୁଦ୍ଧ ଏବଂ ସେହି ଯୁଦ୍ଧଗୁଡ଼ିକ ସ୍ଥାୟୀ ଶାନ୍ତିସ୍ଥାପନ ନିମନ୍ତେ ଓ ଲୋକମାନଙ୍କୁ ସ୍ୱାଧିନତାର ସହିତ ବଂଚିବାପାଇଁ ଓ ଲୋକମାନଙ୍କ ସୁରକ୍ଷା ପାଇଁ ଲଢ଼ାଯାଇଥିଲା । ଯଦି ଆଜିକାଲି କିଛି ଏପରି ମୁସଲମାନ ଅଛନ୍ତି ଯେଉଁମାନେ ଚରମପନ୍ଥୀ କାର୍ଯ୍ୟକଳାପକୁ ଆପଣାଉଛନ୍ତି ବା ଯେଉଁମାନେ ଯୁଦ୍ଧ କରିବାପାଇଁ ପ୍ରୋତ୍ସାହିତ କରୁଛନ୍ତି ତାହା ହେଲେ ଏହାର ଅସଲ କାରଣ ହେଉଛି ସେମାନେ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷାକୁ ଭୁଲି ସାରିଛନ୍ତି ବା ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ସମ୍ପୁର୍ଣ୍ଣରୂପେ ଅଜ୍ଞ ଅଛନ୍ତି । ଯେଉଁଠାରେ ମଧ୍ୟ କିଛି ଲୋକ ବା କିଛି ସଂଘଠନ ସନ୍ତ୍ରାଶବାଦ କାର୍ଯ୍ୟକଳାପର ପ୍ରଦର୍ଶନ କରୁଛନ୍ତି ସେମାନଙ୍କର ଅସଲ ଉଦ୍ଦେଶ୍ୟ ହେଉଛି ଶକ୍ତି ଓ ଧନସମ୍ପତି ହାସଲ କରିବା । ସେହିଭଳି ଯେଉଁ ଦେଶଗୁଡ଼ିକ ଅନ୍ୟାୟ ଅନିତି ତଥା ଚରମପନ୍ଥୀ ପଲିଶି ଅକ୍ତିଆର କରୁଛନ୍ତି ତା' ପଛରେ ସେମାନଙ୍କର ଯେଉଁ ଉଦ୍ଦେଶ୍ୟ ରହିଛି ତାହା ହେଉଛି ଭୌଗଳିକ ଲାଭ ଓ ଅନ୍ୟମାନଙ୍କ ଉପରେ ନିଜର ଶକ୍ତି ପ୍ରଦର୍ଶନ କରିବା । ଏହିଭଳି ଲୋକମାନଙ୍କର ଆଚ୍ଚାରଣ ଇସ୍‌ଲାମୀୟ ସହିତ କୌଣସି ସମ୍ପର୍କ ନାହିଁ । କାରଣ ଇସ୍‌ଲାମ୍ ମୁସଲମାନମାନଙ୍କୁ ଫିତ୍‌ନା ଫିସାଦ୍ (ବିଭ୍ରାଟ ସୃଷ୍ଟି କରିବା) ରୁ ମନା କିଛି, ସେଥିପାଇଁ ତା ନା ରସୁଲେ୍ କରିମ୍ ସ:ଆ:ସ ନା ଆପଣଙ୍କ ଖଲିଫା ରାସେଦିନ୍ ଯୁଦ୍ଧ ଆରମ୍ଭ କରିଥିଲେ ବର ସର୍ବଦା ଶାନ୍ତି ଓ ସୌହାର୍ଦ୍ଧ୍ୟ ଚାହୁଁଥିଲେ । ବରଂ ଏଥପାଇଁ ବହୁତ ବଳିଦାନ ମଧ୍ୟ ଦେଇଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: କେତେକ ସମାଲୋଚନାକାରୀଙ୍କ ତରଫରୁ ଇସ୍‌ଲାମ୍ ଉପରେ ଗୋଟିଏ ଆପତି ଓ ଅଭିଯୋଗ ଏହା ଲଗାଯାଉଅଛି ଯେ, ଇସ୍‌ଲାମ୍ ହେଉଛି ଗୋଟିଏ ପୁରୁଣା ଓ ପଛୁଆ ଧର୍ମ ବା ଏପରି ଏକ ଧର୍ମ ଯାହା ମନ ଓ ବୁଦ୍ଧିର ଉନ୍ନତି କରିନଥାଏ । ଏହା ହେଉଛି ଏକ ମୂର୍ଖତାପୂର୍ଣ୍ଣ ଓ ବିଦ୍ୱେଷ ଭାବରେ ଭରି ରହିଥିବା ଚିନ୍ତାଧାରା ଯାହାର ମୂଳଦୁଆ ବାସ୍ତବିକତା ପରିବର୍ତେ କାହାଣୀ ଉପରେ ଆଧାରିତ ଓ ଏହା ଏକ ନିରାଧାରପୂର୍ଣ୍ଣ ଆପତି । ପବିତ୍ର କୋରାନ୍ ସ୍ୱୟମ ଏ ଦୁଆ ଶିଖାଇ ଶିକ୍ଷାର ଗୁରୁତ୍ୱକୁ ବର୍ଣ୍ଣନା କରିଛି ଯେ, "ହେ ମୋର ପାଳନକର୍ତା ! ମୋ ଜ୍ଞାନକୁ ବୃଦ୍ଧି କର" ଯେଉଁଠି ଏହି ଦୁଆ ମୁସଲମାନମାନଙ୍କ ପାଇଁ ସାହାଯ୍ୟ ହାସଲ କରିବାର ଏକ ମାଧ୍ୟମ ଅଟେ । ସେଠାରେ ଏହି ଦୁଆ ମୁସଲମାନମାନଙ୍କୁ ଜ୍ଞାନ ଆହାରଣ କରିବାରେ ଓ ଜ୍ଞାନ କ୍ଷେତ୍ରରେ ଉନ୍ନତି କରିଚାଲିବା ପାଇଁ ପ୍ରୋତ୍ସାହିତ କରିଚାଲୁଛି । ପ୍ରକୃତ କଥା ହେଉଛି ଏହା କି, ମଧ୍ୟବର୍ତୀ ଯୁଗର ମୁସଲମାନ ଚିନ୍ତା ନାୟକ, ଦାର୍ଶନିକ ଏବଂ ନୂତନ ଗବେଷଣାକାରୀଙ୍କ ସମସ୍ତ ଗବେଷଣା ପବିତ୍ର କୋରାନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ପ୍ରଦତ ଶିକ୍ଷା ଦ୍ୱାରା ହିଁ ପ୍ରଭାବିତ ହୋଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯଦି ଆପଣ ଏକହଜାର ପୂର୍ବ ବର୍ଷର ଇତିହାସକୁ ଦେଖିବେ ତେବେ ଜାଣିପାରିବେ ଯେ, କେଉଁ ପ୍ରକାର ମୁସଲମାନ ଗବେଷକମାନେ ଏବଂ ମୁସଲମାନ ବୈଜ୍ଞାନିକମାନେ ଜ୍ଞାନର ବିକାଶ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଭୁମିକା ନିର୍ବାହ କରିଛନ୍ତି ଏବଂ ଏମିତି ଟେକ୍‌ନିକାଲ୍ ଜିନିଷ ଉଭାବନ କରିଛନ୍ତି ତାହା ଯୋଗେ ଏ ଦୁନିଆ ହିଁ ବଦଳି ଯାଇଛି ଓ ସେହି ସବୁ ଟେକ୍‌ନିକ୍‌ଗୁଡ଼ିକୁ ବର୍ତମାନ ସମୟରେ ମଧ୍ୟ ବ୍ୟବହାର କରାଯାଉଅଛି । ଉଦାହରଣ ସ୍ୱରୁପ ଇବ୍‌ନେ ହାଇଶମ୍ ପ୍ରଥମ କ୍ୟାମେରା ଉଭାବନ କଲେ ଏବଂ ୟୁନେସ୍କୋ ମଧ୍ୟ ଏହାକୁ ସ୍ୱୀକାର କରିଛି ଏବଂ ୟୁନେସ୍କୋ ତାଙ୍କୁ ନୁତନ Optics ର ଜନକ ରୂପେ ଅଭିହିତ କରିଛି । ଏହା ମଧ୍ୟ ଗୋଟିଏ ଆଗ୍ରହପୂର୍ଣ୍ଣ ବିଷୟ ଯେ, କ୍ୟାମେରା ଶବ୍ଦଟି ମଧ୍ୟ ଆରବୀ ଶବ୍ଦ କମରରୁ ବାହାରିଛି । ଦ୍ୱାଦଶ ଶତାବ୍ଦୀରେ ଜଣେ ମୁସଲମାନ ନକ୍‌ସା ପ୍ରସ୍ତୁତକାରୀ ମଧ୍ୟବର୍ତୀ ଯୁଗରେ ଏ ପୃଥିବୀର ସବୁଠାରୁ ଅଧିକ ବ୍ୟାଖ୍ୟାପୂର୍ଣ୍ଣ ଓ ସଠିକ୍ ନକ୍‌ସା ପେଶ୍ କରିଥିଲେ ତାହା ଅନେକ ଶହ ବର୍ଷ ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ବ୍ୟବହାର କରୁଥିଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପୁଣି ଚିକିତ୍ସା କ୍ଷେତ୍ରରେ ମଧ୍ୟ ମୁସଲମାନ ଚିକିତ୍ସକ ଓ ମୁସଲମାନ ବୈଜ୍ଞାନିକମାନେ ଅନେକ ଜିନିଷ ଉଭାବନ କରିଛନ୍ତି ଓ ସେମାନଙ୍କ ଦ୍ୱାରା ଉଭାବିତ ହୋଇଥିବା ଜିନିଷଗୁଡ଼ିକ ଆଜି ମଧ୍ୟ ବ୍ୟବହୃତ ହେଉଅଛି । ଅସ୍ତ୍ରୋପଚାର ନିମନ୍ତେ ଅନେକ ଅସ୍ତ୍ର ଜଣେ ମୁସଲମାନ ଚିକିତ୍ସକ ଅଲ୍‌ଜହରଓ୍ୱି ଦଶମ ଶତାବ୍ଦିରେ ତିଆରି କରିଛନ୍ତି । ସପ୍ତଦଶ ଶତାବ୍ଦୀରେ ଜଣେ ଅଂଗ୍ରେଜ ଚିକିତ୍ସକ William Harvey ରକ୍ତପ୍ରଭାବ ଏବଂ ହୃଦୟ କିଭଳି କାମ କରିଥାଏ ଏ ସମ୍ବନ୍ଧରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଗବେଷଣା ଉପସ୍ଥାପନ କଲେ, ଏହା ଦ୍ୱାରା ତାଙ୍କୁ ବହୁତ ପ୍ରଶିଦ୍ଧି ମିଳିଲା କିନ୍ତୁ ଏକଥା ପରେ ସାମନାକୁ ଆସିଲା ଯେ, ଚାରିଶହ ବର୍ଷ ପୂର୍ବେ ଜଣେ ଆରବୀୟ ଡ଼ାକ୍ତର ଇବ୍‌ନେ ନଫିସ୍ ଆରବୀ ଭାଷାରେ ରକ୍ତପ୍ରଭାହ ସମ୍ବନ୍ଧିତ ଏକ ବ୍ୟାଖ୍ୟାପୂର୍ଣ୍ଣ ନିବନ୍ଧ ଉପସ୍ଥାପନ କରିସାରିଛନ୍ତି । ନବମ ଶତାବ୍ଦୀରେ ଜାବିର୍ ଇବ୍‌ନେ ହୟାନ୍ କେମେଷ୍ଟ୍ରିରେ ଏକ ବିପ୍ଳବ ଆଣିଦେଇଥିଲେ । ସେ ବହୁତ ଏପରି କାର୍ଯ୍ୟ ଓ ଆସବାବ ଉପସ୍ଥାପନ କଲେ ଯାହା ଆଜି ମଧ୍ୟ ବ୍ୟବହୃତ ହେଉଅଛି । ଆଲ୍‌ଜେବ୍‌ରାର ସିଦ୍ଧାନ୍ତ ଏବଂ ତ୍ରିକୋଣମିତିର ଅଧିକାଂଶ ବ୍ୟାଖ୍ୟା ସର୍ବପ୍ରଥମେ ଜଣେ ମୁସଲମାନ ହିଁ ପେଶ୍ କରିଥିଲେ ଏ ନୂଆ ଦୁନିଆରେ ଯେଉଁ କମ୍ପ୍ୟୁଟର ଟେକ୍‌ନ୍‌ଲୋଜି ରହିଛି ସେଥିରେ Algorithms ର ଅମୁଳ ଦଖଲ ରହିଛି ଏହାକୁ ମଧ୍ୟ ପ୍ରଥମେ ମୁସଲମାନମାନେ ହିଁ ଉପସ୍ଥାପନ କରିଛନ୍ତି । ମସ୍ତିଷ୍କର ଉନ୍ନତି ନିମନ୍ତେ ଯେଉଁ ସବୁ କାର୍ଯ୍ୟଗୁଡ଼ିକ କରାଯାଇଅଛି ସେଥିରେ ମୁସଲମାନମାନଙ୍କ ସେବାକୁ ଆଜି ମଧ୍ୟ ସ୍ୱୀକାର କରାଯାଉଅଛି । ଉଦାହରଣ ସ୍ୱରୁପ ନ୍ୟୁୟର୍କ ଟାଇମ୍ସର ଜଣେ ସାଇନ୍ସ ରିପୋର୍ଟର Denis O'Brienଙ୍କର ଗୋଟିଏ ନିବନ୍ଧ ପ୍ରକାଶ ପାଇଲା ସେଥିରେ ସେ ଜଣେ ମୁସଲମାନ ଯାହାଙ୍କ ନାମ ହେଉଛି ଅଲ୍ ତୁସି ଏବଂ ତାଙ୍କର ଅନେକ ଜ୍ଞାନରେ ଥିବା ପ୍ରବିଣତା ଏବଂ ତାଙ୍କର ଜ୍ଞାନ କ୍ଷେତ୍ରରେ ଥିବା ଭୁମିକା ବିଷୟରେ ଚର୍ଚ୍ଚା କରିଛନ୍ତି । ପ୍ରାବନ୍ଧିକଜଣକ ଅଲ୍ ତୁସିଙ୍କ ନକ୍ଷତ୍ର ବିଜ୍ଞାନ, ନୈତିକ ବିଜ୍ଞାନ, ଗଣିତ ଏବଂ ଦର୍ଶନଶାସ୍ତ୍ରରେ କରିଥିବା ଅନେକ କାର୍ଯ୍ୟ ବିଷୟ ଚର୍ଚ୍ଚା କରିଛନ୍ତି ଏବଂ ସେ ଅଲ୍ ତୁସିଙ୍କୁ ତାଙ୍କର ଯୁଗର ଉତମ ଚିନ୍ତାନାୟକ ରୂପେ ଅଭିହିତ କରିଛନ୍ତି । ସେ ଲେଖିଛନ୍ତି ଯେ, ମୁସଲମାନମାନେ ମଧ୍ୟବର୍ତୀ ଯୁଗରେ ଏଭଳି ଏକ ସମାଜ ପ୍ରତିଷ୍ଠା କରିଛନ୍ତି ଯାହା ଏ ପୃଥିବୀର ବିଜ୍ଞାନର କେନ୍ଦ୍ରସ୍ଥଳୀ ଥିଲା । ଜ୍ଞାନ କ୍ଷେତ୍ରରେ ଏବଂ ବିଜ୍ଞାନ ପାଇଁ ଆରବୀ ଭାଷା ପାଂଚଶହ ବର୍ଷ ପର୍ଯ୍ୟନ୍ତ ମୂଖ୍ୟ ଭାଷା ହୋଇ ରହିଛି ଏହା ଏକ ସ୍ୱର୍ଣ୍ଣିମ ଯୁଗ ଥିଲା ଯାହା ଆଜିକାଲିର ନୂତନ ୟୁନିର୍ଭରସିଟିଗୁଡ଼ିକ ପାଇଁ ମୁଖବନ୍ଧ ପ୍ରମାଣିତ ହୋଇଛି । ଅତଏବ ପ୍ରାରମ୍ଭରୁ ହିଁ ଇସ୍‌ଲାମ୍ ମଣିଷର ଜ୍ଞାନକୁ ବଢ଼ାଇବା ପାଇଁ ଏବଂ ଜ୍ଞାନ ଆହୋରଣ କରିବାପାଇଁ ବହୁତ ଜୋର୍ ଦେଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅହେମଦୀୟା ମୁସ୍‌ଲିମ ଯମାତ୍‌ର ସ୍ଥାପନା ୧୮୮୯ ମସିହାରେ ହୋଇଛି । ଅହେମଦୀୟା ଯାମତ୍ ଯମାତ୍‌ର ସଦସ୍ୟମାନଙ୍କୁ ସର୍ବଦା ଜ୍ଞାନ ଆହୋରଣ କରିବାପାଇଁ ଧ୍ୟାନ ଆକର୍ଷଣ କରିଥାଏ । ଅଲ୍ଲାଃ ତାଲାଙ୍କ କୃପାରୁ ସର୍ବପ୍ରଥମ ମୁସଲମାନ ନୋବେଲ ପୁରସ୍କାର ପାତ୍ର ବୈଜ୍ଞାନିକ ହେଉଛନ୍ତି ପ୍ରଫେସର ଡ଼ାକ୍ତର ଅବ୍‌ଦୁସ୍ ସଲାମ୍ ଓ ସେ ଜଣେ ଅହେମଦୀ ଥିଲେ । ଏବଂ ସେ ଜଣେ ପ୍ରଶିଦ୍ଧ ବୈଜ୍ଞାନିକ ଥିଲେ । ୧୯୭୯ ମସିହାରେ ସେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ହାସଲ କରିଛନ୍ତି । ପ୍ରଫେସର ଅବ୍‌ଦୁସ୍ ସଲାମ୍ ତାଙ୍କର ସାରା ଜୀବନ ଏ କଥା ପ୍ରକାଶ କରିଛନ୍ତି ଯେ, କିଭଳି ତାଙ୍କ ଗବେଷଣା ପଛରେ ଇସ୍‌ଲାମ୍‌ର ହାତ ରହିଛି ଓ ବିଶେଷରୂପେ ପବିତ୍ର କୋରାନ୍‌ର ଆର୍ଶିବାଦ ଓ ଆଲୋକରୁ ତାଙ୍କୁ ଏହି ସବୁ ଜ୍ଞାନ ମିଳିଥିଲା । ସେ ଏକଥା କହୁଥିଲେ ଯେ, ପବିତ୍ର କୋରାନ୍‌ର ୧୭୫୦ଟି ଆୟତ ବିଜ୍ଞାନ ସମ୍ବନ୍ଧିୟ ସେ ସବୁରୁ ଆମକୁ ପ୍ରକୃତି ଏବଂ ବ୍ରହ୍ମାଣ୍ଡକୁ ବୁଝିବାପାଇଁ ସାହାଯ୍ୟ ମିଳିଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପୁଣି ଯମାତ୍ ଅହେମଦୀୟାର ତୃତୀୟ ଖଲିଫା

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan